بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 26

ବାର୍ଷିକ ଦେୟ: 600/-

09 ମୁହରରମ୍ , 1448 ହି.କ, 25 ଇହସାନ୍ 1405 ହି.ଶ, 25 June 2026

ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲାଙ୍କ ନିଦର୍ଶନ ଉପରେ ବିଶ୍ୱାସ ଆଣିବା ଆଁହଜରତ୍ ସ.ଅଙ୍କ ଆଦେଶାବଳୀର ଆଜ୍ଞା ପାଳନ ବିଶ୍ୱାସକାରୀମାନଙ୍କର ପରମ କର୍ତ୍ତବ୍ୟ ଅଟେ ।**

تِلۡکَ اٰیٰتُ اللّٰہِ نَتۡلُوۡہَا عَلَیۡکَ بِالۡحَقِّ ۚ فَبِاَیِّ حَدِیۡثٍۭ بَعۡدَ اللّٰہِ وَاٰیٰتِہٖ یُؤۡمِنُوۡنَ

**ଅନୁବାଦ:** ଅର୍ଥାତ୍ ଏସବୁ ଅଲ୍ଲାଃତାଲାଙ୍କର ନିଦର୍ଶନ, ଯାହାକୁ ଆମ୍ଭେ ତୁମ୍ଭ ନିକଟରେ ସଂପୂର୍ଣ୍ଣ ସତ୍ୟତାର ସହିତ ବର୍ଣ୍ଣନା କରୁଅଛୁ । ତେଣୁ କୁହ ଅଲ୍ଲାଃ ଓ ତାହାଙ୍କର ନିଦର୍ଶନକୁ ଛାଡ଼ି ତୁମେମାନେ କାହା ଉପରେ ବିଶ୍ୱାସ କରିବ । **(ଅଲ୍ ଜାସିୟାହ୍:7)**

وَمَاۤ اٰتٰىکُمُ الرَّسُوۡلُ فَخُذُوۡہُ ٭ وَمَا نَہٰىکُمۡ عَنۡہُ فَانۡتَہُوۡا ۚ وَاتَّقُوا اللّٰہَ ؕ اِنَّ اللّٰہَ شَدِیۡدُ الۡعِقَابِ

**ଅନୁବାଦ:** ଏବଂ ରସୁଲ୍ ତୁମମାନଙ୍କୁ ଯାହାକିଛି ଦେଉଛନ୍ତି, ତୁମେମାନେ ତାହା ଗ୍ରହଣ କର ଓ ଯେଉଁଥିରୁ ସେ ବାରଣ କରନ୍ତି ସେଥିରୁ ତୁମେମାନେ ନିବୃତ୍ତ ହୁଅ ଏବଂ ଅଲ୍ଲାଃଙ୍କୁ ଭୟ କର । କାରଣ ବାସ୍ତବରେ ଅଲ୍ଲାଃଙ୍କର ଶାସ୍ତି ଖୁବ୍ କଠୋର ଅଟେ । **(ଅଲ୍ ହଶର୍: 8)**

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ୍ ସ.ଅଙ୍କ ବାଣୀ

## ହଦିସେ ନବ୍‌ୱୀ ଅନୁଯାୟୀ ନ୍ୟାୟ ବିଚାର

أَنَّ رَسُولَ اللَّهِ ﷺ لَمَّا أَرَادَ أَنْ يَبْعَثَ مُعَاذًا إِلَى الْيَمَنِ قَالَ كَيْفَ تَقْضِي إِذَا عَرَضَ لَكَ قَضَاءٌ. قَالَ أَقْضِي بِكِتَابِ اللَّهِ قَالَ فَإِنْ لَمْ تَجِدْ فِي كِتَابِ اللَّهِ قَالَ فَبِسُنَّةِ رَسُولِ اللَّهِ ﷺ قَالَ فَإِنْ لَمْ تَجِدْ فِي سُنَّةِ رَسُولِ اللَّهِ قَالَ أَجْتَهِدُ بِرَأْيِي وَلَا آلُو فَضَرَبَ رَسُولُ اللَّهِ ﷺ صَدْرَهُ فَقَالَ الْحَمْدُ لِلَّهِ الَّذِي وَفَّقَ رَسُولَ رَسُولِ اللَّهِ ﷺ لِمَا يَرْضَى رَسُولُ اللَّهِ.

**(ଅବୁ ଦାଉଦ୍, କିତାବୁଲ୍ କଜା, ବାବ୍- ଇଜ୍‌ତିହାଦୁର୍ ରାଆଇ ଫିଲ୍ କଜା)**

ଯେତେବେଳେ ନବୀ କରୀମ୍ ସ.ଅ ହ. ମୁଆଜ୍ ବିନ୍ ଜବଲ୍ ର.ଅଙ୍କୁ ୟମନ୍ ପ୍ରେରଣ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ, ସେତେବେଳେ ଆପଣ ସ.ଅଙ୍କୁ ପଚାରିଲେ ଯେ, ହେ ମୁଆଜ୍ ! ଯେତେବେଳେ ତୁମ ସମ୍ମୁଖରେ କୌଣସି ମକଦ୍ଦମା ଉପସ୍ଥାପିତ ହେବ ସେତେବେଳେ ତୁମେ କିପରି ନ୍ୟାୟ ବିଚାର (ଫଇସଲା) କରିବ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନ୍ୟାୟ ବିଚାର (ଫଇସଲା) ଅଲ୍ଲାଃତାଲାଙ୍କ ଗ୍ରନ୍ଥାନୁଯାୟୀ କରିବି । ରସୁଲୁଲ୍ଲାଃ ସ.ଅ ପଚାରିଲେ ଯେ, ହେ ମୁଆଜ୍ ! ଯଦି ତୁମେ ଅଲ୍ଲାଃତାଲାଙ୍କ ପୁସ୍ତକରେ ନିର୍ଣ୍ଣୟ ବା ସମାଧାନ କରିବାର କୌଣସି ପ୍ରସଙ୍ଗ ନପାଅ ତେବେ କ'ଣ କରିବ ? ପ୍ରତ୍ୟୁତ୍ତରରେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଅଲ୍ଲାଃତାଲାଙ୍କ ଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନରୁ କୌଣସି ନିର୍ଣ୍ଣୟ ବା ସମସ୍ୟାର ସମାଧାନ ନହୁଏ ତେବେ ମୁଁ ଆପଣ ସ.ଅଙ୍କ ସୁନ୍ନତ୍ (ଆପଣ ସ.ଅଙ୍କ ଦ୍ୱାରା ଅନୁସୃତ ପନ୍ଥା) ଅନୁଯାୟୀ ନିର୍ଣ୍ଣୟ (ନ୍ୟାୟ ବିଚାର) କରିବି । ରସୁଲୁଲ୍ଲାଃ ସ.ଅ ପଚାରିଲେ ଯେ, ହେ ମୁଆଜ୍ ! ଯଦି ତୁମେ ସୁନ୍ନତେ ରସୁଲ୍ ମଧ୍ୟରେ କୌଣସି ସମସ୍ୟାର ସମାଧାନ ନମିଳେ ତେବେ ସେପରିପ୍ରେକ୍ଷୀରେ ତୁମେ କ'ଣ କରିବ ? ପ୍ରତ୍ୟୁତ୍ତରରେ ହ. ମୁଆଜ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ସୁନ୍ନତେ ରସୁଲୁଲ୍ଲାଃ ସ.ଅଙ୍କ ମଧ୍ୟରୁ କୌଣସି ସମସ୍ୟାର ସମାଧାନ ନମିଳେ ତେବେ ମୁଁ ନିଜସ୍ୱ ରାୟ ଦ୍ୱାରା ଚେଷ୍ଟା କରିବି ଏବଂ ତହିଁରେ ମୁଁ ଅବହେଳା ପ୍ରଦର୍ଶନ କରିବି ନାହିଁ । ଏକଥା ଶୁଣି ରସୁଲୁଲ୍ଲାଃ ସ.ଅ ତାଙ୍କ ଛାତିକୁ ଥାପୁଡ଼ି ଦେଲେ ଏବଂ କହିଲେ, ଅଲ୍ଲାଃତାଲାଙ୍କ ଅଶେଷ ଅଶେଷ କୃପା ଯେ, ସେ ନିଜର ବାର୍ତ୍ତାବହଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କଲେ ଯେ, ସେ ନିଜ ବାର୍ତ୍ତାବହଙ୍କ ଠାରୁ ସେ ପ୍ରସନ୍ନ ହୋଇଗଲେ । ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବର୍‌ରୁକାତେ ହ. ମସିହ୍ ମଉଦ୍ ଅ.ସ)

## ଜମାଅତ୍ ଅହମଦିୟା ନିକଟରେ ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ଦ୍ୱାରା ଅନୁସୃତ ପନ୍ଥା ବା ପ୍ରଥା) ଓ ହଦିସ୍‌ର ମର୍ଯ୍ୟାଦା ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସତ୍‌ମାର୍ଗ ଯାହାକୁ ପରିପ୍ରକାଶ କରିବା ନିମନ୍ତେ ମୁଁ ଏହି ବିଷୟବସ୍ତୁକୁ ଉଲ୍ଲେଖ କରିଛି ତାହା ଏହିକି ଯେ, ମୁସଲମାନମାନଙ୍କ ହସ୍ତରେ ଇସ୍‌ଲାମୀୟ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ 3ଟି ବିଷୟ ରହିଛି (1) ପବିତ୍ର କୁରଆନ୍ କରୀମ୍ ଯାହା ଅଲ୍ଲାଃତାଲାଙ୍କ ଦ୍ୱାରା ଆଁହଜରତ୍ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଧର୍ମଗ୍ରନ୍ଥ ଅଟେ । ଏହି ଗ୍ରନ୍ଥ ଠାରୁ ବଳି ଆମମାନଙ୍କ ନିକଟରେ ଅନ୍ୟ କୌଣସି ବଳିଷ୍ଠ ବାଣୀ (ଗ୍ରନ୍ଥ) ନାହିଁ । ତାହା ଈଶ୍ୱରଙ୍କର ଗ୍ରନ୍ଥ ଅଟେ । ତାହା ସନ୍ଦେହ, ଧାରଣାର ଅପବିତ୍ରତା ଠାରୁ ପବିତ୍ର ଅଟେ । (2) ଦ୍ୱିତୀୟ ସୁନ୍ନତ୍ ଏବଂ ଏଠାରେ ମୁଁ ଏହ୍‌ଲେ ହଦିସ୍‌ଙ୍କ ପରିଭାଷା ଠାରୁ ଭିନ୍ନ ହୋଇ କଥା କହିବି । ଅର୍ଥାତ୍ ଯେପରି ପାରମ୍ପାରିକ ହିଦସ୍‌ରେ ବିଦ୍ୱାନ୍‌ମାନଙ୍କର ପନ୍ଥା ରହିଛି ସେହିପରି ମୁଁ ହଦିସ୍ ଏବଂ ସୁନ୍ନତ୍‌କୁ ଏକା ଜିନିଷ ବୋଲି ବିବେଚିତ କରୁ ନାହିଁ । ବରଂ ହଦିସ୍ ଏକ ଭିନ୍ନ ପ୍ରସଙ୍ଗ ଅଟେ ଓ ସୁନ୍ନତ୍ ଅନ୍ୟ ଏକ ପ୍ରସଙ୍ଗ ଅଟେ । ସୁନ୍ନତରୁ ଯଥାର୍ଥ କେବଳ ଆଁହଜରତ୍ ସ.ଅଙ୍କ ବ୍ୟବହାରିକ ଆଚରଣ ଅଟେ । ଏହା ଅର୍ଥାତ୍ ସୁନ୍ନତ୍ ନିରନ୍ତରତା ନିଜ ମଧ୍ୟରେ ରଖିଥାଏ ଏବଂ ପ୍ରାରମ୍ଭରୁ ହିଁ ପବିତ୍ର କୁରଆନ୍ କରୀମ୍ ସହିତ ତାହା ପରିପ୍ରକାଶିତ ହୋଇଥିଲା ଓ ସଦୈବ ପବିତ୍ର କୁରଆନ୍ କରୀମ୍ ସହିତ ହିଁ ରହିବ । ବରଂ ଶାବ୍ଦିକ ପରିବର୍ତ୍ତନ ସହିତ ମୁଁ ଏହାକୁ ଏପରି କହିପାରିବି ଯେ, ପବିତ୍ର କୁରଆନ କରୀମ୍ ଅଲ୍ଲାଃତାଲାଙ୍କ ବାଣୀ ଅଟେ ଏବଂ ସୁନ୍ନତ୍ ରସୁଲୁଲ୍ଲାଃ ସ.ଅଙ୍କ ଆଚରଣ (କୃତ୍ୟ) ଅଟେ । ଆବାହମାନ କାଳରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହି ଆସିଛି ଯେ, ଯେତେବେଳେ ଅବତାରମାନେ ଈଶ୍ୱରଙ୍କ ବାଣୀକୁ ଲୋକମାନଙ୍କର ମାର୍ଗଦର୍ଶନ ନିମନ୍ତେ ଆଣନ୍ତି ସେତେବେଳେ ସେମାନେ ନିଜର କୃତ୍ୟ ସହିତ ଅର୍ଥାତ୍ ବ୍ୟବହାରିକ ରୂପେ ସେମାନେ ଈଶ୍ୱରଙ୍କ ବାଣୀର ବ୍ୟାଖ୍ୟା ମଧ୍ୟ କରିଦେଇ ଥାଆନ୍ତି। କାରଣ ସେହି ବାଣୀକୁ ବୁଝିବାରେ ଲୋକମାନଙ୍କ ମନରେ ସନ୍ଦେହ ଯେପରି ନରହୁ । ତେଣୁ ସେମାନେ ସେହି ବାଣୀ ଉପରେ କାର୍ଯ୍ୟାନୁସରଣ କରିଥାଆନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହି ବାଣୀ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରାଇଥାଆନ୍ତି । (3) ସତ୍‌ମାର୍ଗର ତୃତୀୟ ମାଧ୍ୟମ ହେଲା ହଦିସ୍ । ହଦିସ୍ କହିଲେ, ସେହି ଚିହ୍ନ (ଲକ୍ଷଣ)କୁ ବୁଝାଏ ଯାହା କାହାଣୀ ବା ଗଳ୍ପ ରୂପେ ଆଁହଜରତ୍ ସ.ଅଙ୍କ ଠାରୁ ପ୍ରାୟ 150 ବର୍ଷ ପରେ ବିଭିନ୍ନ ବର୍ଣ୍ଣନାକାରୀମାନଙ୍କୁ ମାଧ୍ୟମରେ ଏକତ୍ରିତ କରାଯାଇଛି । **(ଅବଶିଷ୍ଟାଂଶ...ପୃ-12ରେ)**

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

**ସୁନ୍ନତ୍ ହେଉଛି ଆଁହଜରତ୍ ସ.ଅଙ୍କ ସେହି କୃତ୍ୟ ଯାହାକୁ ଆପଣ ସ.ଅ ସ୍ୱୟଂ କାର୍ଯ୍ୟକାରୀ କରିଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ । ସେହିପରି ହଦିସ୍ ହେଉଛି ସେହି କଥନ ଯାହାକୁ ଆପଣ ସ.ଅ ବର୍ଣ୍ଣନା କରିଥିଲେ । ଅର୍ଥାତ୍ ଆପଣ ସ.ଅଙ୍କ ମୁଖ ନିଃସୃତ ବାଣୀ ।**

ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଶୈକ୍ଷିକ ଓ ଜ୍ଞାନଭିତ୍ତିକ କୃତିତ୍ୱକୁ ବର୍ଣ୍ଣନା କରି ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସଙ୍କ ଦଶମ କୃତିତ୍ୱ ହେଲା ଯେ, ଆପଣ ସ.ଅ ଫିକ୍କା (ଧାର୍ମିକ ନ୍ୟାୟଶାସ୍ତ୍ର ବୋଧ)ର ସଂଶୋଧନ କରିଥିଲେ ଯହିଁରେ ଭୀଷଣ ପ୍ରକାରର ଦୋଷ ତଥା ଅନିଷ୍ଟତା ସୃଷ୍ଟି ହୋଇଯାଇଥିଲା । ଏପରି ମତଭେଦ ସୃଷ୍ଟି ହେଉଥିଲା ଯେ, ତାହାର କୌଣସି ସୀମା ହିଁ ନଥିଲା। ଏଥି ସଂକ୍ରାନ୍ତରେ ବହୁମୂଲ୍ୟ ନୀତି ସ୍ଥିର କରିଛନ୍ତି ଏବଂ କହିଲେ, ଧର୍ମବିଧାନର ମୂଳଦୁଆ ନିମ୍ନଲିଖିତ ବିଷୟବସ୍ତୁ ଉପରେ ଆଧାରିତ ଅଟେ । (1) ପବତ୍ର କୁରଆନ୍ କରୀମ୍ (2) ରସୁଲ୍ କରୀମ୍ ସ.ଅଙ୍କ ସୁନ୍ନତ୍ (3) ଆହାଦିସ୍ ଯାହା ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ ଓ ବୁଦ୍ଧି ବିରୁଦ୍ଧୀୟ ହୋଇ ନଥିବ । (4) ତଫକ୍କୁହୁ ଫିଦ୍ଦୀନ୍ (ଧାର୍ମିକ ନ୍ୟାୟଶାସ୍ତ୍ର ବୋଧ) (5) ଭିନ୍ନ ସ୍ୱଭାବ ଓ ପ୍ରତିକୂଳ ପରିସ୍ଥିତି । **(ଅବଶିଷ୍ଟାଂଶ...ପୃ-12ରେ)**



ସମ୍ପାଦକୀୟ

لا الہ الا اللہ محمد رسول اللہ

## ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ ରଖୁଥିବ ଗୋଷ୍ଠୀ ଏବଂ ହଦିସ୍ ଉପରେ ବିଶ୍ୱାସ ରଖୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଓ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ହକମ୍ ୱ ଅଦଲ୍ (ମୀମାଂସକାରୀ ଏବଂ ନ୍ୟାୟ ବିଚାରକ) ହେବା ଦୃଷ୍ଟିରୁ ବିଶ୍ୱାସବର୍ଦ୍ଧକ ନିର୍ଣ୍ଣୟ...

ଏହି ଦିନମାନଙ୍କରେ ସାଉଦୀ ଆରବ ସଂପର୍କରେ ସାମାଜିକ ଗଣମାଧ୍ୟମରେ ଏକ ଖବର ଅଧିକ ଭାବରେ ପ୍ରସାରିତ ହେଉଛି । ତାହା ଏହିକି ଯେ, ସାଉଦୀ ଆରବର ଲୋକମାନେ ଆଇନ ପ୍ରଣୟନ ସଂପର୍କରେ ନିରନ୍ତର ହଦିସ୍ ବ୍ୟତୀତ ଅନ୍ୟ ସମସ୍ତ ହଦିସ୍ ଉପରେ କାର୍ଯ୍ୟାନୁସରଣ କରିବାକୁ ସନ୍ଦେହାସ୍ପଦ ବୋଲି ମନେକରି ଅନ୍ୟ ସମସ୍ତ ହଦିସକୁ ରଦ୍ଦ କରିଦେଇଛନ୍ତି । କେତେକ ମୁସଲମାନ ମୁଲ୍ଲା ମୌଲବୀମାନେ କିମ୍ବା ସେମାନଙ୍କ ପରି ଜ୍ଞାନ ରଖୁଥିବା ଲୋକମାନେ ଯେଉଁମାନେ ସାମାଜିକ ଗଣମାଧ୍ୟମରେ ଦିନ ରାତି ମୁସଲମାନ ଜନସାଧାରଣଙ୍କ ଭାବାବେଗକୁ ଉତ୍ତେଜିତ କରିବା ନିମନ୍ତେ ଏବଂ ଶସ୍ତା ପ୍ରସିଦ୍ଧି ଅର୍ଜନ କରିବା ନିମନ୍ତେ ଏପରି ଖବର ପ୍ରସାରଣ କରିଥାଆନ୍ତି ଯେ, ସେମାନେ ତହିଁରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଆନ୍ତି ।

ବାସ୍ତବତା ଏହିକି ଯେ, କିଛି କାଳ ପୂର୍ବେ ସାଉଦୀ ସରକାର ନିଜ ଦେଶକୁ ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ସମୃଦ୍ଧ କରିବା ସକାଶେ 'ଭିଜନ୍ 2030' ନାମରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେହି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ଏହା ରହିଥିଲା ଯେ, ଏପରି କେଉଁ ସାଧନ ଓ ମାଧ୍ୟମ ରହିଛି ଯହିଁରୁ ସାଉଦୀ ରାଷ୍ଟ୍ରକୁ ତୈଳ ଆମଦାନୀ ବ୍ୟତୀତ ଦୃଢ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳ କରାଯାଇ ପାରିବ । ତନ୍ମଧ୍ୟରେ ପର୍ଯ୍ୟଟନ, ପ୍ରଯୁକ୍ତି ବିଦ୍ୟାରେ ନିବେଶ ବୃଦ୍ଧି, ଆଧୁନିକ ସହର ନିର୍ମାଣ, ମନୋରଞ୍ଜନ କେନ୍ଦ୍ର ସ୍ଥାପନ, ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ ଓ ସେମାନଙ୍କ ସ୍ୱାଧୀନତା ଆଡ଼କୁ ପଦକ୍ଷେ ଇତ୍ୟାଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା । ଏଥି ମଧ୍ୟରେ କିଛି ଧାର୍ମିକ ସଂସ୍କାର ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅର୍ଥାତ୍ ପବିତ୍ର କୁରଆନ୍ ସହିତ ନିରନ୍ତର ଆହାଦିସ୍‌ରୁ ସାହାଯ୍ୟ ନେବା ଉଚିତ୍ । ଅର୍ଥାତ୍ ଏକତ୍ରିତ ହଦିସ୍ ଓ ହଦିସ୍‌ର ଖବରକୁ ନିମ୍ନ ସ୍ତରରେ ରଖାଯିବା ଉଚିତ୍ । ସାଉଦୀ ସରକାର ଏ ସଂପର୍କରେ କ'ଣ ବିବୃତ୍ତି ରଖିଥିଲେ ଏବଂ ଯେକୌଣସି କଥା ପ୍ରଚାର କରି ଶସ୍ତା ପ୍ରସିଦ୍ଧି ଅର୍ଜନ କରୁଥିବା ମୁଲ୍ଲା ମୌଲବୀମାନେ ଏଥି ସଂକ୍ରାନ୍ତରେ କ'ଣ କୁହନ୍ତି, ସେସବୁ କଥାକୁ ପରିତ୍ୟାଗ କରି ଆମେ ଯୁଗାବତାର ପୁଣ୍ୟଶ୍ଲୋକ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ପ୍ରତିଶ୍ରୁତ ମସିହ୍ ଅ.ସ ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ ଏବଂ ହଦିସ୍ ମାଧ୍ୟମରେ ମାର୍ଗଦର୍ଶନ ପ୍ରାପ୍ତ କରିବା ସଂପର୍କରେ ଆମମାନଙ୍କୁ କେଉଁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ତାହା ବର୍ଣ୍ଣନା କରି କୁହନ୍ତି: "ଯେଉଁ ଯେଉଁଠି ମୁସଲମାନ ଜାତି ଝୁଣ୍ଟି ପଡ଼ିଛି ଏବଂ ଯେଉଁ ଯେଉଁଠି ମୁସଲମାନମାନଙ୍କୁ ମାର୍ଗଦର୍ଶନର ଆବଶ୍ୟକତା ପଡ଼ିଛି ଆପଣ ଅ.ସ ଈଶ୍ୱରଙ୍କ ଅନୁମତି କ୍ରମେ ମୁସଲମାନମାନଙ୍କର ମାର୍ଗଦର୍ଶନ କରିଛନ୍ତି ।" ହୁଜୁର ଅ.ସଙ୍କ ଜୀବନ କାଳ ମଧ୍ୟରେ କୁରଆନ୍ ଗୋଷ୍ଠୀ ଅସ୍ତିତ୍ୱକୁ ଆସି ସାରିଥିଲା। ସେହି ଗୋଷ୍ଠୀର ପ୍ରତିଷ୍ଠାତା ଅବ୍‌ଦୁଲ୍ଲାଃ ଚକ୍‌ଡ଼ାଲୱୀ ଏବଂ ଗୁଲାମ୍ ଅହମଦ ପର୍‌ୱେଜୀ ସାହେବ ଥିଲେ । ଏହି ଦୁଇଜଣଙ୍କ ସହିତ ପ୍ରତ୍ୟେକ ଦିନ ଏହ୍‌ଲେ ହଦିସ୍‌ର ବିଦ୍ୱାନ୍‌ମାନଙ୍କର ବାକ୍‌ଯୁଦ୍ଧ (ବିତର୍କ) ହେଉଥିଲା । ସେହି ବିତର୍କ ମଧ୍ୟରୁ ଗୋଟିଏ ବିତର୍କ 1902 ମସିହାରେ ଅବ୍‌ଦୁଲ୍ଲାଃ ଚକ୍‌ଡ଼ାଲୱୀ ସାହେବ ଓ ମୁହମ୍ମଦ ହୁସୈନ୍ ବଟାଲ୍‌ୱୀ ସାହେବଙ୍କ ମଧ୍ୟରେ ହୋଇଥିଲା । ଅବ୍‌ଦୁଲ୍ଲାଃ ସାହେବ ଏହ୍‌ଲେ କୁରଆନ୍ (କୁରଆନ୍ ସପକ୍ଷବାଦୀ) ଥିଲେ ଓ ମୁହମ୍ମଦ୍ ହୁସୈନ ବଟାଲ୍‌ୱୀ ଏହ୍‌ଲେ ହଦିସ୍ (ହଦିସ୍ ସପକ୍ଷବାଦୀ) ଥିଲେ । ଅବ୍‌ଦୁଲ୍ଲାଃ ଚକ୍‌ଡ଼ାଲୱୀ ସାହେବ ଓ ତାଙ୍କର ସାଥିମାନେ କେବଳ ପବିତ୍ର କୁରଆନ୍ କରୀମ୍‌କୁ ହିଁ ମାନୁଥିଲେ ଏବଂ ସେମାନେ ଆହାଦିସ୍‌କୁ କାର୍ଯ୍ୟାନୁସରଣ ଯୋଗ୍ୟ ବୋଲି ମନେକରୁ ନଥିଲେ । ସେହିପରି ମୁହମ୍ମଦ ହୁସୈନ୍ ବଟାଲ୍‌ୱୀ ସାହେବଙ୍କର ଏହି ଦାବି ଓ ଧର୍ମମତ ରହିଥିଲା ଯେ, ଆହାଦିସ୍ ଅଲ୍ଲାଃତାଲାଙ୍କ ଗ୍ରନ୍ଥ ପବିତ୍ର କୁରଆନ୍ ଉପରେ ବିଚାରକ ଅଟେ । ଉଭୟ ବ୍ୟକ୍ତି ନ୍ୟୁନତା ଓ ଆଧିକ୍ୟତାକୁ ଚାଲି ଯାଇଥିଲେ (ନ୍ୟୁନତା ଓ ଆଧିକ୍ୟତା ଅବଲମ୍ବନ କରୁଥିଲେ) । ଉକ୍ତ ବିତର୍କକୁ କେନ୍ଦ୍ର କରି ହ. ମସିହ୍ ମଉଦ୍ ଅ.ସ ଏକ ଲେଖନୀ ଉଲ୍ଲେଖ କରିଥିଲେ। ସେହି ଲେଖନୀ ରୁହାନୀ ଖଜାଏନ୍, ସଂଖ୍ୟା-19ରେ "ବଟାଲ୍‌ୱୀ ଓ ଚକ୍‌ଡ଼ାଲ୍‌ୱୀଙ୍କ ମଧ୍ୟରେ ହୋଇଥିବା ବିତର୍କର ରିଭ୍ୟୁ"ରେ ବିଦ୍ୟମାନ ରହିଛି ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଉକ୍ତ ଗ୍ରନ୍ଥରେ ଉଭୟଙ୍କୁ ପବିତ୍ର କୁରଆନ୍ କରୀମ୍ ଏବଂ ଆହାଦିସ୍‌ର ମହାନ୍ ଆଦେଶାବଳୀ ସଂପର୍କରେ ଯେଉଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ ତାହା ନିମ୍ନମତେ ବର୍ଣ୍ଣନା କରି ଦିଆଯାଉଛି । ମୁସଲମାନ ବିଦ୍ୱାନ୍‌ମାନଙ୍କ ନିମନ୍ତେ ଏବଂ ସେମାନଙ୍କ ରାଷ୍ଟ୍ରମାନଙ୍କ ସକାଶେ ଏହି ମାର୍ଗଦର୍ଶନ ଅନୁକରଣୀୟ ଯୋଗ୍ୟ ଅଟେ । ଆପଣ ଅ.ସ କହିଲେ, "ତୁମମାନଙ୍କ ମାର୍ଗଦର୍ଶନ ସକାଶେ ଅଲ୍ଲାଃତାଲା ଯେଉଁ ତିନୋଟି ପ୍ରସଙ୍ଗ ପ୍ରଦାନ କରିଛନ୍ତି ତାହା ନିମ୍ନମତେ ଅଟେ। (1) ପବିତ୍ର କୁରଆନ୍ କରୀମ୍ (2) ସୁନ୍ନତ୍ ଅର୍ଥାତ୍ ସେହି ପବିତ୍ର ଉଦାହରଣ ଓ ଆଦର୍ଶ ଯାହା ଆପଣ ସ.ଅ ନିଜର କୃତ୍ୟ ତଥା କର୍ମ ମାଧ୍ୟମରେ ସମ୍ପାଦନ କରି ଆମମାନଙ୍କୁ ଦେଖାଇଛନ୍ତି । ଉଦାହରଣ ସ୍ୱରୂପ ଆପଣ ସ.ଅ ନିଜେ ନମାଜ୍ ପାଠ କରି ଆମମାନଙ୍କୁ ଦେଖାଇଦେଲେ ଯେ, ଏହିପରି ନମାଜ୍ ପାଠ କରିବା ଉଚିତ୍ । ଆପଣ ସ.ଅ ନିଜେ ରୋଜା ରଖିଲେ ଏବଂ ଆମମାନଙ୍କୁ ରୋଜା ରଖି ଦେଖାଇଦେଲେ ଯେ, ଏହିପରି ରୋଜା ରଖିବା ଉଚିତ୍ । ଏହାରି ନାମ ସୁନ୍ନତ୍ ଅଟେ । ଅର୍ଥାତ୍ ଆପଣ ସ.ଅଙ୍କ କାର୍ମିକ ଆଚରଣ ଯାହା ଅଲ୍ଲାଃତାଲାଙ୍କ କଥନ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ଆପଣ ସ.ଅ ନିଜର କର୍ମକୃତ୍ୟ ମାଧ୍ୟମରେ ସମ୍ପାଦନ କରି ଦେଖାଇ ଦେଲେ ଯେ, ଏହିପରି ରୋଜା ରଖିବା ଉଚିତ୍ । ଏହାରି ନାମ ସୁନ୍ନତ୍ ଅଟେ । (3) ମାର୍ଗଦର୍ଶନ ପ୍ରାପ୍ତ କରିବା ନିମନ୍ତେ ଯେଉଁ ତୃତୀୟ ମାଧ୍ୟମ ରହିଛି ତାହା ହଦିସ୍ ଅଟେ । ହଦିସ୍ ଆପଣ ସ.ଅଙ୍କ ବିୟୋଗ ପରେ ଶହେ କିମ୍ବା ଦୁଇଶହ ବର୍ଷ ପରେ ଏକତ୍ରିତ କରାଯାଇଥିଲା । ତେଣୁ ହଦିସ୍‌ର ମର୍ଯ୍ୟାଦା ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଓ ସୁନ୍ନତ୍‌ର ମର୍ଯ୍ୟାଦା ଠାରୁ ନିମ୍ନରେ ରହିଛି । କାରଣ ଏପରି ଅନେକ ହଦିସ୍‌ଗୁଡ଼ିକ ରହିଛି ଯାହା ଧାରଣା ସମ୍ବଳିତ ଅଟନ୍ତି । କିନ୍ତୁ ତା' ଅର୍ଥାତ୍ ହଦିସ୍ ସହିତ ଯଦି ସୁନ୍ନତ୍ ଥାଏ ତେବେ ତାହା ହଦିସ୍‌କୁ ଆହୁରି ଦୃଢୀଭୂତ ଓ ସୁନିଶ୍ଚିତ କରିଦେବ ।" **(କିଶ୍‌ତି ନୁହ୍, ପୃ-33-34, ପ୍ରକାଶନ ସ୍ଥାନ-ନଜାରତ୍ ନଶ୍ରୋ ଇଶାଅତ୍ କାଦିୟାନ୍-2018)**

ଉକ୍ତ ମାର୍ଗଦର୍ଶନ ସଂକ୍ରାନ୍ତରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଉଭୟ ବିଦ୍ୱାନ୍‌ମାନଙ୍କର ବିତର୍କ ଉପରେ ଯେଉଁ ରିଭ୍ୟୁ ପ୍ରଦାନ କରିଛନ୍ତି ତହିଁରେ ଆପଣ ଅ.ସ କୁହନ୍ତି: "ପ୍ରକୃତ କଥା ହେଲା ଏହି ଦୁଇଟି ପକ୍ଷଙ୍କ ମଧ୍ୟରେ ଗୋଟିଏ ପକ୍ଷ ନ୍ୟୁନତା ଏବଂ ଅନ୍ୟ ପକ୍ଷ ଆଧିକ୍ୟତା ମାର୍ଗ ଅବଲମ୍ବନ କରିଛନ୍ତି । ପ୍ରଥମ ପକ୍ଷ ଅର୍ଥାତ୍ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀ ସାହେବ ଯଦିଓ ଉକ୍ତ କଥାରେ ସତ୍ୟବାଦୀ ଅଟନ୍ତି ଯେ, ଆହାଦିସେ ନବୱିୟାହ୍ ମର୍ଫୁଆ (ଅର୍ଥାତ୍ ସେହି ହଦିସ୍ ଯାହାର ବର୍ଣ୍ଣନାକାରୀମାନଙ୍କର ପରମ୍ପରା ରସୁଲ୍ କରୀମ୍ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ ) ମୁତ୍ତସିଲା (ନିରନ୍ତରତା ବା ନିକଟବର୍ତ୍ତୀ) ଏପରି ନୁହେଁ ଯେ, ସେଗୁଡ଼ିକ ଅପବ୍ୟବହାରଯୋଗ୍ୟ ଏବଂ ନିରର୍ଥକ ବୋଲି ମନେକରାଯିବ । କିନ୍ତୁ ସେଗୁଡ଼ିକ ମୁଖସ୍ତଜନିତ ସ୍ତରର ନିୟମକୁ ବିସ୍ମୃତ (ପାସୋରି, ଭୁଲାଇ) କରାଇ ଆହାଦିସ୍‌ର ସ୍ତରକୁ ସେହି ଉଚ୍ଚ ମିନାରା (ଗମ୍ବୁଜ) ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତି ଯଦ୍ଦ୍ୱାରାକି ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା କ୍ଷୁର୍ଣ୍ଣ (ଅବମାନନା) ହେବା ଅନିର୍ବାର୍ଯ୍ୟ ହୋଇଯାଇଥାଏ ଏବଂ ପବିତ୍ର କୁରଆନ୍ କରୀମ୍‌କୁ ଅସ୍ୱୀକାର କରିବାକୁ ପଡ଼ିଥାଏ । ଏହା ସ୍ୱଷ୍ଟ ତ୍ରୁଟି ଅଟେ ଏବଂ ନ୍ୟାୟମାର୍ଗ ଠାରୁ ସୀମା ଲଂଘନ କରିବା ଅଟେ । ଅଲ୍ଲାଃତାଲା ପବିତ୍ର କୁରାନ୍ କରୀମ୍‌ରେ କୁହନ୍ତି ଯେ, فبای حدیث بعد الله و ایاته یؤمنون **(ଅଲ୍ ଆରାଫ: 185)** ଅର୍ଥାତ୍ ଈଶ୍ୱର ଓ ତାହାଙ୍କ ନିଦର୍ଶନ ପରେ ସେମାନେ ଆଉ କେଉଁ କଥା ଉପରେ ବିଶ୍ୱାସ କରିବେ । ଏମାନଙ୍କ ବିରୋଧୀ ମୌଲବୀ ଅବ୍‌ଦୁଲ୍ଲାଃ ସାହେବ ଆଧିକ୍ୟତା ମାର୍ଗ ଅନୁସରଣ କରିଛନ୍ତି । ସେ ହଦିସ୍‌କୁ ମୂଳରୁ ହିଁ ଅସ୍ୱୀକାର କରି ଦେଇଛନ୍ତି । (ହ. ମସିହ୍ ମଉଦ୍ ଅ.ସ କହିଲେ,) ଆହାଦିସ୍‌କୁ ଅସ୍ୱୀକାର କଲେ ସ୍ୱଷ୍ଟ ରୂପେ ପବିତ୍ର କୁରଆନ୍ କରୀମ୍‌କୁ ଅସ୍ୱୀକାର କରିବାକୁ ପଡ଼ିବ। କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, قل ان کنتم تحبون الله فاتبعونی یحببکم الله ଅର୍ଥାତ୍ ହେ ବିଶ୍ୱାସକାରୀମାନେ ତୁମ୍ଭେମାନେ ଯଦି ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମ ପ୍ରଦର୍ଶନର ଦମ୍ଭୋକ୍ତି ପ୍ରକାଶ କରୁଛ ତେବେ ତୁମ୍ଭେମାନେ ମୋ ପ୍ରତି ପ୍ରେମ ପ୍ରଦର୍ଶନ କର । କାରଣ ଏପରି କରିବା ଦ୍ୱାରା ଅଲ୍ଲାଃତାଲା ମଧ୍ୟ ତୁମ୍ଭମାନଙ୍କୁ ଭଲ ପାଇବେ । ଅତଏବ୍ ଈଶ୍ୱରଙ୍କ ପ୍ରେମ ଆଁହଜରତ୍ ସ.ଅଙ୍କ ପ୍ରେମ ସହିତ ସଂଶ୍ଳିଷ୍ଟ ଅଟେ । ଆଁହଜରତ୍ ସ.ଅଙ୍କ ବ୍ୟବହାରିକ ଆଦର୍ଶ ତଥା ଉଦାହରଣକୁ ଖୋଜିବା ଏବଂ ଜାଣିବାକୁ ହେଲେ ଆପଣ ସ.ଅଙ୍କ ଆଜ୍ଞା ପାଳନ କରିବାକୁ ହେବ। ଅତଏବ୍ ଆପଣ ସ.ଅଙ୍କ ପ୍ରେମ ଆପଣ ସ.ଅଙ୍କ ଆଜ୍ଞାପାଳନ ଉପରେ ହିଁ ନିର୍ଭର କରିଥାଏ । ତେଣୁ ହଦିସ୍ ମଧ୍ୟ ଏକ ମାଧ୍ୟମ ଅଟେ । ସୁତରାଂ ଯେଉଁ ବ୍ୟକ୍ତି ହଦିସ୍‌କୁ ପରିତ୍ୟାଗ କରିଥାଏ ସେ ଆଜ୍ଞବହତ୍ୱର ମାର୍ଗକୁ ମଧ୍ୟ ପରିତ୍ୟାଗ କରି ଦେଇଥାଏ ।"

ପୁଣ୍ୟଶ୍ଲୋକ ହ. ମସିହ୍ ମ ଉଦ୍ ଅ.ସ ହଦିସ୍‌ର ଅନ୍ୟ ବିଦ୍ୱାନ୍ ଏବଂ ସେମାନଙ୍କର ସମାଲୋଚକମାନଙ୍କର ପନ୍ଥାରୁ ଭିନ୍ନ ହୋଇ ହଦିସ୍‌କୁ ପରଖିବାର ମାଧ୍ୟମ ରୂପେ ଦର୍ଶାଇଛନ୍ତି । କାରଣ ଯେଉଁ ହଦିସ୍ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାନୁଯାୟୀ ଅଟେ ତାହା ଯେମିତିଆ ଦୁର୍ବଳ ହଦିସ୍ ହୋଇଥାଉ ନା କାହିଁକି ତାହାକୁ ସ୍ୱୀକାର କରିବା ଉଚିତ୍ ଏବଂ ଯଦି କୌଣସି ହଦିସ୍ ପ୍ରାମାଣ୍ୟଭିତ୍ତିକ, ନିରନ୍ତର ହୋଇଥାଏ କିନ୍ତୁ ତାହା ଯଦି ପବିତ୍ର କୁରଆନ୍ କରୀମ୍‌ର ସ୍ପଷ୍ଟ ଶିକ୍ଷା ବିରୁଦ୍ଧୀୟ ଅଟେ ତେବେ ସେହି ହଦିସ୍‌କୁ ପ୍ରଥମେ ଅନ୍ୟ ହଦିସ୍ ସହିତ ଅନୁକୂଳ (ମେଳ) କରିବା ପ୍ରତି ଧ୍ୟାନ ଦେବାକୁ ହେବ । କିନ୍ତୁ ଯଦି ବିରୋଧାଭାସ ଦୂର ନହୁଏ ତେବେ ସେପରିପ୍ରେକ୍ଷୀରେ ଏପରି ହଦିସ୍‌କୁ ପରିତ୍ୟାଗ କରିଦେବା ଉଚିତ୍ । କାରଣ ତାହା ରସୁଲ୍ କରୀମ୍ ସ.ଅଙ୍କ ଦ୍ୱାରା ଉଦ୍ଧୃତ ହୋଇ ନାହିଁ ।" ସେହିପରି ଆପଣ ଅ.ସ କହିଲେ, ଯଦି କୌଣସି ହଦିସ୍‌ରେ ଭବିଷ୍ୟବାଣୀ ସଂପର୍କରେ କିଛି ସୂଚନା ରହିଛି ବା ହଦିସ୍‌ଟି ଭବିଷ୍ୟବାଣୀ ସମ୍ବଳିତ ଅଟେ, କିନ୍ତୁ ତାହା ହଦିସ୍‌ର ବିଦ୍ୱାନମାନଙ୍କ ମତରେ ଦୁର୍ବଳ ଅଟେ ଓ କୌଣସି ଯୁଗରେ ସେହି ହଦିସ୍‌ରେ ବର୍ଣ୍ଣିତ ଭବିଷ୍ୟବାଣୀଟି ସତ୍ୟ ବୋଲି ପ୍ରମାଣିତ ହୁଏ ତେବେ ସେହି ହଦିସ୍‌କୁ ସତ୍ୟ ବୋଲି ସ୍ୱୀକାର କର । ଠିକ୍ ସେହିପରି ହଦିସ୍‌ର ଏପରି ବିଦ୍ୱାନ୍‌ମାନଙ୍କୁ ଏବଂ ବର୍ଣ୍ଣନାକାରୀମାନଙ୍କୁ ତ୍ରୁଟିଯୁକ୍ତ ମନେକର ଏବଂ ସେମାନଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କର ଯେଉଁମାନେ ସେହି ହଦିସ୍‌କୁ ଦୁର୍ବଳ **(ଅବଶିଷ୍ଟାଂଶ...ପୃ-09ରେ)**

(ଖୁତ୍‌ବା ଜୁମା)

## ସତ୍ୟବାଦୀତା ଓ ସତ୍ୟନିଷ୍ଠତା: ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସଙ୍କ ପବିତ୍ର ଜୀବନୀର ଏକ ଜାଜ୍ଜ୍ୱଲ୍ୟମାନ ପକ୍ଷର ଚର୍ଚ୍ଚା ।

**ଖୁତ୍‌ବା ଜୁମା 08 May 2026 ମସିହା ଅନୁଯାୟୀ ୦୮ ହିଜରତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔ اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ବର୍ଣ୍ଣନା କରି ଆପଣ ଅ.ସଙ୍କ ସତ୍ୟତାର ସ୍ତରର କେତେକ ପ୍ରାମାଣ୍ୟ ଓ ଘଟଣାବଳୀ ଉପସ୍ଥାପିତ କରିଥିଲି । ସେହି କ୍ରମରେ ଆଜି ଆପଣ ଅ.ସଙ୍କ ଜୀବନୀର କେତେକ ଘଟଣାବଳୀ ମୁଁ ଉପସ୍ଥାପିତ କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଡାକ୍ତର ହେନ୍‌ରୀ ମାର୍ଟିନ୍ କ୍ଲାର୍କ ପକ୍ଷରୁ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଏକ ମକଦ୍ଦମା ଦାଏର୍ ହୋଇଥିଲା ଏବଂ ତାହା ହତ୍ୟା ଉଦ୍ୟମର ମକଦ୍ଦମା ଥିଲା ଓ ଅତ୍ୟନ୍ତ ଭୟଙ୍କର ମକଦ୍ଦମା ଥିଲା । ଆପଣ ଅ.ସ କୁହନ୍ତି: "ହେନ୍‌ରୀ ମାର୍ଟିନ୍ କ୍ଲାର୍କ୍‌ର ଏହି ମକଦ୍ଦମାଟି ଏପରି ଭୟଙ୍କର ମକଦ୍ଦମା ଥିଲା ଯେ, ଉକ୍ତ ମକଦ୍ଦମାରେ ମୋତେ ଫାଶୀଦଣ୍ଡ ମଧ୍ୟ ମିଳିପାରି ଥାଆନ୍ତା ।" ଆପଣ ଅ.ସ ଉଦାହରଣ ଦେଇ କୁହନ୍ତି ଯେ, "ଇହୁଦୀମାନଙ୍କ ପକ୍ଷରୁ ରୋମୀୟ ଅଦାଲତ୍‌ରେ ହ. ଇସା ଅ.ସଙ୍କ ଉପରେ ଯେଉଁ ମକଦ୍ଦମା ହୋଇଥିଲା ସେହି ମକଦ୍ଦମାର ଚର୍ଚ୍ଚା କରି ହ. ମସିହ୍ ମୁଦ୍ ଅ.ସ କହିଲେ, ମୋ ଉପରେ ମଧ୍ୟ ଏହି ପ୍ରକାରର ମକଦ୍ଦମା ହୋଇଥିଲା । ହ. ମସିହ୍ ଅ.ସ (ଇସା ଅ.ସ)ଙ୍କ ବିରୁଦ୍ଧରେ ତ' ଇହୁଦୀମାନେ ମଧ୍ୟ ମକଦ୍ଦମା କରିଥିଲେ । କିନ୍ତୁ ଏହି ଇଂରେଜ ଶାସନ କାଳରେ ମୋ ବିରୁଦ୍ଧରେ ଯିଏ ମକଦ୍ଦମା କଲା ସେ ସମ୍ମାନିତ ପାଦ୍‌ରୀ ଥିଲା ଏବଂ ଡାକ୍ତର ମଧ୍ୟ ଥିଲା । ଅର୍ଥାତ୍ ଡାକ୍ତର ମାର୍ଟିନ୍ କ୍ଲାର୍କ୍ । ଏହି ବ୍ୟକ୍ତି ମୋ ଉପରେ ହତ୍ୟା ମକଦ୍ଦମା ଦାଏର୍ କଲା ଏବଂ ସେ ମୋ ବିରୁଦ୍ଧରେ ସମସ୍ତ ସାକ୍ଷ୍ୟ ଉପସ୍ଥାପିତ କଲା । ଏପର୍ଯ୍ୟନ୍ତକି ମୌଲବୀ ଅବୁ ସଇଦ୍ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀ ଯେ କି ଏହି ସଂପ୍ରଦାୟର ଘୋର ବିରୋଧୀ ଅଟେ ସେ ମଧ୍ୟ ମୋ ବିରୁଦ୍ଧରେ ସାକ୍ଷ୍ୟ ଦେବା ନିମନ୍ତେ ଅଦାଲତ୍‌ରେ ଆସିଲା । ତା' ଦ୍ୱାରା ଯାହା ସମ୍ଭବ ହୋଇପାରୁଥିଲା ସେ ମୋ ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କଲା ଏବଂ ମକଦ୍ଦମାକୁ ମୋ ବିରୁଦ୍ଧରେ ପ୍ରମାଣିତ କରିବା ପାଇଁ ସତଚେଷ୍ଟା ମଧ୍ୟ କରିଥିଲା । ଉକ୍ତ ମକଦ୍ଦମାଟି କ୍ୟାପ୍‌ଟେନ୍ ଡଗ୍‌ଲସ ଯେ କି, ଗୁର୍ଦ୍ଦାସପୁର୍ ଜିଲ୍ଲାର ଡେପୁଟୀ କମିଶନର ଥିଲେ ତାହାଙ୍କ ସଭାରେ ହୋଇଥିଲା । ବର୍ତ୍ତମାନ କ୍ୟାପଟେନ୍ ଡଗ୍‌ଲସ୍‌ଙ୍କର ଶିମିଳା ଠାକୁ ବଦଳି ହୋଇଯାଇଛି । ସେ ଯାହା ହେଉ ତାହାଙ୍କ ସମକ୍ଷରେ ମକଦ୍ଦମା ସଂପୂର୍ଣ୍ଣ ରୂପେ ଉପସ୍ଥାପିତ ହୋଇଥିଲା । ସମସ୍ତ ସାକ୍ଷ୍ୟ ଆପଣ ଅସ.ଅଙ୍କ ବିରୁଦ୍ଧରେ ଅତ୍ୟନ୍ତ ଉତ୍ସାହର ସହିତ ପ୍ରଦାନ କରାଗଲା। ଏପରି ଅବସ୍ଥା ଏବଂ ଏପରି ସ୍ଥିତିରେ କୌଣସି ଆଇନଜୀବି, ମତପ୍ରଦାନକାରୀ ବ୍ୟକ୍ତି ମଧ୍ୟ କହିପାରିବ ନାହିଁ ଯେ, ମୁଁ ଏହି ଦୋଷରୁ ଦୋଷମୁକ୍ତ ହୋଇପାରିବି । ସମୟର ଆବଶ୍ୟକତା ଏବଂ ପରିସ୍ଥିତିର ଆବଶ୍ୟକତା ଏପରି ହୋଇଯାଇଥିଲା ଯେ, ମୋତେ (ମୋର ମକଦ୍ଦମା ବା ମାମଲାକୁ) ସେଶନ କୋର୍ଟକୁ ହସ୍ତାନ୍ତର କରି ଦିଆଯାଇଥାଆନ୍ତା ଏବଂ ସେଠାରୁ ଫାଶୀ ଦଣ୍ଡାଦେଶ ମିଳିଥାଆନ୍ତା ଅବା କଳାପାଣି ପଠାଇ ଦିଆଯିବାର ବ୍ୟବସ୍ଥା କରାଯାଇଥାଆନ୍ତା । ଅର୍ଥାତ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥାଆନ୍ତା । କିନ୍ତୁ ଯେପରିକି ଈଶ୍ୱର ମୋତେ ମକଦ୍ଦମା ପୂର୍ବରୁ ହିଁ ସୂଚାନ ପ୍ରଦାନ କରି ଦେଇଥିଲେ, ଠିକ୍ ସେହିପରି ଈଶ୍ୱର ସମୟ ପୂର୍ବରୁ ହିଁ ଏହା ପ୍ରକଟିତ କରିଦେଇଥିଲେ ଯେ, ମୁଁ ଏହି ମକଦ୍ଦମାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ମୁକ୍ତ ହେବି । ସୁତରାଂ ଏହି ଭବିଷ୍ୟବାଣୀ ମୋର ଜମାଅତ୍‌ର ଅନେକ ଲୋକମାନଙ୍କୁ ଜଣା ଥିଲା । ସୁତରାଂ ଯେତେବେଳେ ମକଦ୍ଦମାଟି ସେହି ସ୍ତରକୁ ପହଞ୍ଚିଲା ଏବଂ ଶତ୍ରୁ ଓ ବିରୋଧୀମାନେ ଏହା ଭାବିଲେ ଯେ, ମାଜିଷ୍ଟ୍ରେଟ ସାହେବ ମୋତେ ସେଶନ କୋର୍ଟକୁ ହସ୍ତାନ୍ତର କରିଦେବେ । ଇତ୍ୟବସରରେ ସେହି କ୍ୟାପଟେନ ପୋଲିସ୍‌କୁ କହିଲେ, ମୋ ମନରେ ଏକଥା ଆସୁଛି ଯେ, ଏହି ମକଦ୍ଦମାଟି କପୋଳକଳ୍ପିତ (କୃତ୍ରିମ, ମନଗଢା) ଅଟେ । ଏହା ଉପରେ ମୁଁ ବିଶ୍ୱାସ କରୁ ନାହିଁ । ମୋ ମନ ମାନୁ ନାହିଁ ଯେ, ପ୍ରକୃତରେ ଏପରି ଉଦ୍ୟମ କରାଯାଇଥିବ । ସେ ଅର୍ଥାତ୍ ମିର୍ଜା ସାହେବ ଡାକ୍ତର ସାହେବଙ୍କ ହତ୍ୟା ନିମନ୍ତେ ଲୋକ ପଠାଇଛନ୍ତି । ତେଣୁ ଜଜ୍ ସାହେବ ପୋଲିସ୍ କହିଲେ, ଆପଣ ପୁନଃ ତଦନ୍ତ କରନ୍ତୁ । ଜଜ୍ ମନରେ ଅଲ୍ଲାଃତାଲା ଏହି କଥା ପକାଇଲେ ଯେ, ସେ ପୋଲିସ୍ କମାଣ୍ଡରକୁ ଏହା କୁହ ଯେ, ପୁନଃ ତଦନ୍ତ କର ।"

ଆପଣ ଅ. କହିଲେ, "ଏହି ସମୟଟି ସେହି ସମୟ ଥିଲା ଯେତେବେଳେ ସେହି ଲୋକମାନେ ଯେଉଁମାନେ ଦୁଆ ସ୍ୱୀକୃତ ହେବାର ଦାବି କରୁଥିଲେ । ସେମାନେ ଦୁଆରେ ଲାଗିଥିଲେ । ସେମାନେ କେବଳ ଉଦ୍ୟମ କରୁ ନଥିଲେ ବରଂ ଦୁଆରେ ମଧ୍ୟ ଲାଗିଥିଲେ ଯେ, ମୋତେ ଶାସ୍ତି ମିଳୁ । କିନ୍ତୁ ଈଶ୍ୱରଙ୍କ ମୁକାବିଲା କିଏ ବା କରିପାରିବ? ମୋତେ ଏକଥା ଜଣା ଯେ, କ୍ୟାପ୍‌ଟେନ୍ ଡଗ୍‌ଲସ୍ ସାହେବଙ୍କ ପାଖକୁ କେତେକ ସୁପାରିଶ ମଧ୍ୟ ଆସିଲା । କିନ୍ତୁ ସେ ଜଣେ ନ୍ୟାୟପ୍ରିୟ ମାଜିଷ୍ଟ୍ରେଟ୍ ଥିଲେ । ସେ କିହଲେ, ମୋ ଦ୍ୱାରା ଏପରି ନୀଚ ଓ ଘୃଣ୍ୟ କୃତ୍ୟ ହୋଇପାରିବ ନାହିଁ । ଅର୍ଥାତ୍ ଯଦି କୌଣସି ଭୁଲ୍ ନିଷ୍ପତ୍ତି ରହିଛି ତେବେ ମୁଁ ସେହି ନିଷ୍ପତ୍ତିକୁ ଠିକ୍ କରିପାରିବ ନାହିଁ।"

ଅତଏବ୍ ଯେତେବେଳେ ଉକ୍ତ ମକଦ୍ଦମାଟି ପୁନଃ ତଦନ୍ତ ନିମନ୍ତେ କ୍ୟାପ୍‌ଟେନ୍ ଡଗ୍‌ଲସ୍ ସାହେବ କ୍ୟାପଟେନ୍ ଲିମାର୍ ଚନ୍ଦ୍‌ଙ୍କୁ ହସ୍ତାନ୍ତର କଲେ ସେତେବେଳେ କ୍ୟାପଟେନ ସାହେବ ଅବ୍‌ଦୁଲ୍ ହମିଦ୍‌କୁ ଡକାଇଲେ ଏବଂ ତାକୁ ପଚାରିଲେ ଯେ, ହେ ଅବଦୁଲ୍ ହମିଦ୍ ! ତୁ ସବୁ ସତ ସତ କହ । ଅବ୍‌ଦୁଲ୍ ହମିଦ୍ ସେହି କଥା ଦୋହରାଇଲା ଯାହା ସେ ଡେପୁଟି କମିଶନର ସାହେବଙ୍କ ସମକ୍ଷରେ ଉପସ୍ଥାପିତ କରିଥିଲା । ଅବ୍‌ଦୁଲ୍ ହମିଦ୍‌କୁ ପୂର୍ବରୁ ହିଁ ଏହା କୁହା ଯାଇଥିଲା ଯେ, ଟିକିଏ ବି ସେ ଯଦି ଭୁଲ୍ କଲା ଏବଂ ସେମାନଙ୍କ ବିରୁଦ୍ଧୀୟ ଯଦି କୌଣସି କଥା କହିଲା ତେବେ ସେ ଧରା ପଡ଼ିଯିବ । ସେଇଥି ପାଇଁ ସେ ତାହା ହିଁ କହୁଥିଲା ଯାହା ତାକୁ କୁହାଯାଇଥିଲା । କିନ୍ତୁ କ୍ୟାପ୍‌ଟେନ୍ ସାହେବ ତାକୁ କହିଲେ, ହେ ଅବ୍‌ଦୁଲ୍ ହମିଦ୍ ! ତୁ ପୂର୍ବେ ଏକଥା କହି ସାରିଛୁ । ତେଣୁ କ୍ୟାପଟେନ୍ ମାଜିଷ୍ଟ୍ରେଟ୍ ସାହେବଙ୍କୁ ଆଶ୍ୱସ୍ତି ମିଳୁ ନଥିଲା । ସେଇଥି ପାଇଁ ସେ ଅବ୍‌ଦୁଲ୍ ହମିଦ୍‌କୁ କହିଲେ, ହେ ଅବଦୁଲ୍ ହମିଦ୍ ! ତୁ ସତ କଥା କହୁ ନାହୁଁ । ଯେତେବେଳେ କ୍ୟାପଟେନ୍ ଲିମାର୍ ଚନ୍ଦ ପୁନଃ ଅବ୍‌ଦୁଲ୍ ହମଦ୍‌ିକୁ ସତ କଥା କହିବା ପାଇଁ କହିଲେ, ସେତେବେଳେ ସେ କାନ୍ଦି କାନ୍ଦି କ୍ୟାପଟେନ୍ ଲିମାର୍ ଚନ୍ଦଙ୍କ ଗୋଡ଼ ତଳ ପଡ଼ିଗଲା ଏବଂ କହିବାକୁ ଲାଗିଲା ଯେ, ଆଜ୍ଞା ମୋତେ ବଞ୍ଚାଇ ନିଅନ୍ତୁ। କ୍ୟାପଟେନ୍ ସାହେବ ତାକୁ ଆଶ୍ୱାସନା ଦେଲେ ଯେ, ହଉ ହଉ ତୁମର କିଛି ହେବ ନାହିଁ ତୁମେ ସବୁ ସତ ସତ କୁହ ! ପ୍ରତ୍ୟୁତ୍ତରରେ ସେ ସତ କଥା ଖୋଲି କହିଦେଲା ଏବଂ ସ୍ପଷ୍ଟ ରୂପେ ଏହା ସ୍ୱୀକାର କଲା ଯେ, ମୋତେ ମିର୍ଜା ସାହେବଙ୍କ ବିରୁଦ୍ଧରେ ମିଛ ସାକ୍ଷ୍ୟ ଦେବା ନିମନ୍ତେ ଧମକ ଦିଆଯାଇଥିଲା ଏବଂ ମିଛ ସାକ୍ଷ୍ୟ ପ୍ରଦାନ କରିବା ନିମନ୍ତେ କୁହାଯାଇଥିଲା ଯେ, ମିର୍ଜା ସାହେବ ତାକୁ ଡାକ୍ତର ମାର୍ଟିନ କ୍ଲାର୍କର ହତ୍ୟା କରିବା ନିମନ୍ତେ ପ୍ରେରଣ କରିଛନ୍ତି। ଏକଥା ଅସତ୍ୟ ଓ ଭୁଲ୍ ଅଟେ । ମୋତେ ମିର୍ଜା ସାହେବ ଡାକ୍ତର ମାର୍ଟିନ୍ କ୍ଲାର୍କ୍‌ର ହତ୍ୟା ନିମନ୍ତେ ପ୍ରେରଣ କରି ନାହାନ୍ତି । କ୍ୟାପ୍‌ଟେନ୍ ଅବ୍‌ଦୁଲ୍ ହମିଦ୍‌ର ଉକ୍ତ ବୟାନ୍‌କୁ ଶୁଣି ପ୍ରସନ୍ନ ହେଲା ଏବଂ ସେ ଡେପୁଟୀ କମିଶନର୍‌କୁ ତାର ପଠାଇଲା ଯେ, ସେ ମକଦ୍ଦମାର ସତ କଥା ଅବଦୁଲ୍ ହମଦିଙ୍କ ଠାରୁ ଓଗାଳି ନେଇଛନ୍ତି । ସୁତରାଂ ଗୁର୍ଦ୍ଦାସପୁର ଠାରେ ଉକ୍ତ ମକଦ୍ଦମାଟି ଉପସ୍ଥାପିତ ହେଲା ଏବଂ ସେଠାରେ କ୍ୟାନଟେନ୍ ଲିମାର୍ ଚନ୍ଦଙ୍କ ସାକ୍ଷ୍ୟ ନିଆଗଲା ଏବଂ ସେ ନିଜର ଶପଥମୂଳକ ବୟାନ୍ (ଶପଥ ପାଠମୂଳକ ବିବୃତ୍ତି) ବା ସାକ୍ଷ୍ୟ ପ୍ରଦାନ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେତେବେଳେ ମୁଁ ଦେଖୁଥିଲେ ଯେ, କୋର୍ଟରେ ସତ୍ୟତା ଉଜାଗର ହୋଇଯାଇଥିବାରୁ ଡେପୁଟୀ କମିଶନର ସାହେବ ଅତ୍ୟନ୍ତ ପ୍ରସନ୍ନ ଥିଲେ ଏବଂ ସେ ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ହେଉଥିଲେ । କାରଣ ସେମାନେ ମୋ (ହ. ମସିହ୍ ମଉଦ୍ ଅ.ସଙ୍କ ବିପକ୍ଷରେ) ମିଛ ସାକ୍ଷୀ ଦେଇଥିଲେ । ଡେପୁଟୀ କମିଶନର ସାହେବ କହିଲେ, ମିର୍ଜା ସାହେବ ! ଆପଣ ମଧ୍ୟ ଏହି ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ମକଦ୍ଦମା କରିପାରିବେ । କିନ୍ତୁ ଯେହେତୁ ମୁଁ ମାଲି ମକଦ୍ଦମାକୁ ଘୃଣା କରୁଥିଲି, ତେଣୁ ମୁଁ ସେହି ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ମକଦ୍ଦମା କରିବାକୁ ଚାହୁଁ ନଥିଲି । ମୋର ମକଦ୍ଦମା ଆକାଶରେ ଦାଏର୍ ହୋଇଛି । ପ୍ରତ୍ୟୁତ୍ତରରେ କ୍ୟାପ୍‌ଟେନ୍ ଡଗ୍‌ଲସ୍ ସାହେବ ସେହି ମୁହୂର୍ତ୍ତରେ ହିଁ ନିଜର ନିଷ୍ପତ୍ତି ଲେଖିଲେ । ସେହି ଦିନ ଅଦାଲତ୍‌ରେ ବହୁତ ଭିଡ଼ ହୋଇଥିଲା । କ୍ୟାପ୍‌ଟେନ୍ ସାହେବ ନିଜର ରାୟ ଶୁଣାଇ ମୋତେ କହିଲେ, ମିର୍ଜା ସାହେବ ! ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି ଯେ, ଆପଣ ନିର୍ଦ୍ଦୋଷରେ ଖଲାସ୍ ହେଲେ । ମୁଁ (ହ. ମସିହ୍ ମଉଦ୍ ଅ.ସ) ଦେଖୁଥିଲି ଯେ, ସେତେବେଳେ ତ' ମୋର ଶତ୍ରୁ ତ' କେବଳ ଗୋଟିଏ ସଂସାର ଥିଲା ଏବଂ ଏପରି ହୋଇଥିଲା ଯେ, ଯେତେବେଳେ ସଂସାର କୌଣସି ବ୍ୟକ୍ତିକୁ ଦୁଃଖ ଦେବାକୁ ଲାଗେ ସେତେବେଳେ ଘରର କାନ୍ଥଗୁଡ଼ିକ ମଧ୍ୟ ବ୍ୟକ୍ତିର କ୍ଷତି ସାଧନ କରିଥାଆନ୍ତି । ଅର୍ଥାତ୍ ଈଶ୍ୱର ହିଁ ଥାଆନ୍ତି ଯିଏ ନିଜର ସତ୍ୟବାଦୀ ଭକ୍ତମାନଙ୍କୁ ରକ୍ଷା କରିଥାଆନ୍ତି । ମୁଁ ସତ୍ୟବାଦୀ ଥିଲି ତେଣୁ ଅଲ୍ଲାଃତାଲା ମୋତେ ରକ୍ଷା କଲେ ଏବଂ ଉକ୍ତ ବିପତ୍ତିରୁ ମୋତେ ଉଦ୍ଧାର କଲେ ।"

**(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-268-270)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ମକଦ୍ଦମାରେ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା, ସର୍ବୋଚ୍ଚ ଚରିତ୍ର ଏବଂ ଉତ୍ତମ ଚରିତ୍ରବତ୍ତାର ପରିଚୟ ମିଳେ । ଅତଏବ୍ ଉକ୍ତ ମକଦ୍ଦମାରେ ଉପସ୍ଥିତ ହୋଇଥିବା ଜଣେ ବ୍ୟକ୍ତି ବର୍ଣ୍ଣନା କରେ ଯେ, ଆପଣ ଅ..ସ ଜଣେ ସତ୍ୟବାଦୀ, ସତ୍ୟନିଷ୍ଠ, ସତ୍ୟତା ଅବଲମ୍ବନକାରୀ, ସର୍ବୋଚ୍ଚ ଉତ୍ତମ ଚରିତ୍ର ସଂପନ୍ନ ବ୍ୟକ୍ତି ଓ ଉତ୍ତମ ଚରିତ୍ରବତ୍ତାର ଅଧିକାରୀ ଥିଲେ । ମକଦ୍ଦମାରେ ଉପସ୍ଥିତ ହୋଇଥିବା ସେହି ବ୍ୟକ୍ତି ଜଣକ ଅଣ ଅହମଦି ବ୍ୟକ୍ତି ଅଟେ ଏବଂ ତା'ର ନାମ ମୌଲବୀ ଫଜଲ୍ ଦୀନ୍ ଥିଲା । ଏହି ବ୍ୟକ୍ତିର ନାମକୁ ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ନିଜର ପୁସ୍ତକ 'ହୟାତେ ଅହମଦ'ରେ ଉଲ୍ଲେଖ କରିଛନ୍ତି । ଅର୍ଥାତ ହ. ମସିହ୍ ମଉଦ୍

ଅ.ସଙ୍କ ସତ୍ୟବାଦୀ ହେବା ନିମନ୍ତେ ଯେଉଁ ଦ୍ୱିତୀୟ ବଳିଷ୍ଠ ଚାରିତ୍ରିକ ଘଟଣା ରହିଥିଲା ତାହା ଆପଣ ଅ.ସଙ୍କ ସତ୍ୟବାଦୀ ହେବାକୁ ସମର୍ଥନ କରେ । ଉକ୍ତ ମକଦ୍ଦମାରେ ଏହା ପ୍ରକାଶିତ ହେଲା ଯେ, ଆପଣ ଅ.ସ ସତକୁ କିପରି ଭଲ ପାଉଥିଲେ ?

ଉକ୍ତ ଘଟଣାର ବର୍ଣ୍ଣନା ଶ୍ରୀଯୁକ୍ତ ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ୍ ସାହେବ ନାମକ ଜଣେ ଓକିଲ ମହୋଦୟଙ୍କ ମୁହଁରୁ ହିଁ ଶୁଣି ନିଅନ୍ତୁ ଯିଏ ମୋର ନୈଷ୍ଠିକ ସମକାଳୀନ ତଥା ଦେଶ ଓ ହିନ୍ଦୁସ୍ତାନ ସମ୍ବାଦ ପତ୍ରର ସମ୍ପାଦକ ଲାଲା ଦୀନା ନାଥଙ୍କ ବନ୍ଧୁ ଥିଲେ। ଲାଲା ସାହେବ ହିନ୍ଦୁ ଥିଲେ ଏବଂ ଦୁଇଟି ସମ୍ବାଦପତ୍ରର ସମ୍ପାଦକ ଥିଲେ । ଲାଲା ସାହେବ ହିନ୍ଦୁ ବ୍ୟକ୍ତି ଥିଲେ ଏବଂ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବଙ୍କର ବନ୍ଧୁ ମଧ୍ଯ ଥିଲେ । ଅତଏବ୍ ସେ କୁହନ୍ତି ଯେ, "କ'ଣ ଆପଣଙ୍କୁ ଜଣା ଯେ, ମୋ ମନରେ ମିର୍ଜା ସାହେବଙ୍କ ପ୍ରତି.............କିପରି ସମ୍ମାନ ଏବଂ ମର୍ଯ୍ୟାଦା ରହିଛି ? ମୁଁ ତାଙ୍କର ମର୍ଯ୍ୟଦା ଏବଂ ତାଙ୍କର ସମ୍ମାନକୁ ମହାନ୍ ବୋଲି ମନେକରେ । ଓକିଲ ସାହେବ କହିଲେ, ଯଦିଓ ତାଙ୍କର ଦାବି ସଂପର୍କରେ ମୁଁ ଏହା ମନେକରୁଛି ଯେ, ମନସ୍ତତ୍ତ୍ୱ ଅନୁଯାୟୀ ତାଙ୍କୁ ପବିତ୍ର (କୁରଆନ୍ କରୀମ୍, ଇସା ଅ.ସଙ୍କ ସଂପର୍କରେ) ବୁଝିବାରେ ଭ୍ରମ ଲାଗିଛି । ତାଙ୍କର ଦାବି ସତ୍ୟ ନୁହେଁ । କିନ୍ତୁ ସେ ଯାହା ହେଉ ଆପଣ (ହ. ମସିହ୍ ମଉଦ୍ ଅ.ସ)ଅତ୍ୟନ୍ତ ପୁଣ୍ୟବାନ୍ ବ୍ୟକ୍ତି ଅଟନ୍ତି । କିନ୍ତୁ ଆପଣ (ହ. ମସିହ୍ ମଉଦ୍ ଅ.ସ) ଜଣେ ମହାପୁରୁଷ ଏବଂ ଆଧାତ୍ମିକ ବ୍ୟକ୍ତି ହେବା ଦୃଷ୍ଟିରୁ ବୃହତ୍ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି ଥିଲେ। ତାଙ୍କ ପ୍ରତି ଥିବା ମୋର ଏହି ଧର୍ମମତ ତଥା ଆସ୍ଥା ଏକ ଘଟଣାରୁ ହିଁ ହୋଇଛି। ସେହି ଘଟଣାଟି ଏହିପରି ଯେ, ହକିମ୍ ଗୁଲାମ୍ ନବୀ زُبْدَةُ الْحُكَمَاءِଙ୍କୁ ଜାଣନ୍ତି ଏବଂ ମୌଲବୀ ଫଜଲ୍ ଦିନ ସାହେବଙ୍କୁ ମଧ୍ଯ ଜାଣନ୍ତି । ଅର୍ଥାତ୍ ଉପରୋକ୍ତ ଘଟଣା ଜଣେ ହିନ୍ଦୁ ବ୍ୟକ୍ତି ବର୍ଣ୍ଣନା କଲେ ଯିଏ ସମ୍ବାଦ ପତ୍ରର ସମ୍ପାଦକ ଥିଲେ । ବର୍ତ୍ତମାନ ସେ ଫଜଲ୍ ଦୀନ୍ ସାହେବଙ୍କର କଥା ବର୍ଣ୍ଣନା କରୁଛନ୍ତି । ସେ କୁହନ୍ତି: "ମୁଁ ମୌଲବୀ ଫଜଲ୍ ଦୀନ ସାହେବଙ୍କୁ ମଧ୍ଯ ଜାଣେ । ହକିମ୍ ସାହେବଙ୍କ ବାସ ଭବନରେ ଅନେକ ବନ୍ଧୁମାନେ ସନ୍ଧ୍ୟା ସମୟରେ ଏକତ୍ରିତ ହେଉଥିଲେ । ତେଣୁ ମୁଁ ମଧ୍ଯ ସେଠାକୁ ଚାଲି ଯାଉଥିଲି। ଦିନେ ସେଠାରେ କେତେକ ସଦସ୍ୟମାନେ ଏକତ୍ରିତ ହୋଇଥିଲେ । ଦୈବାତ୍ ମିର୍ଜା ସାହେବଙ୍କ ଚର୍ଚ୍ଚା ଆସିଗଲା (ମିର୍ଜା ସାହେବଙ୍କ କଥା ପଡ଼ିଲା) । ଜଣେ ବ୍ୟକ୍ତି ତାଙ୍କର ବିରୋଧ କରିବା ଆରମ୍ଭ କରିଦେଲା । କିନ୍ତୁ ତାହା ଅର୍ଥାତ୍ ବିରୋଧ ଏପରି ଥିଲା ଯେ, ତାହା ଶିଷ୍ଟତା, ଚାରିତ୍ରିକତା ପକ୍ଷ ଠାରୁ ଅତି ନିକୃଷ୍ଟ ସ୍ତରର ଥିଲା । ପ୍ରତ୍ୟୁତ୍ତରରେ ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ୍ ସାହେବ ଏକଥା ଶୁଣି ଉତ୍କ୍ଷିପ୍ତ ହୋଇଗଲେ ଏବଂ ସେ ଅତ୍ୟନ୍ତ ଉତ୍ତେଜିତ ଓ ଉତ୍ସାହର ସହିତ କହିଲେ, ହେ ବନ୍ଧୁ ! ଯଦିଓ ମୁଁ ମିର୍ଜା ସାହେବଙ୍କର ଅନୁଗାମୀ ଓ ଶିଷ୍ୟ ନୁହେଁ । ତାହାଙ୍କ ଦାବି ଉପରେ ମଧ୍ଯ ମୁଁ ବିଶ୍ୱାସ କରୁ ନାହିଁ । ସେ ପଛେ ଯେଉଁ କାରଣ ଥାଉ ନା କାହିଁକି ମିର୍ଜା ସାହେବଙ୍କ ପରି ଜଣେ ମହାନ୍ ବ୍ୟକ୍ତିତ୍ୱ ଏବଂ ଉଚ୍ଚ ଚରିତ୍ର ସମ୍ପନ୍ନ ବ୍ୟକ୍ତିତ୍ୱର ମୁଁ ସ୍ୱୀକାରୋକ୍ତି ପ୍ରକାଶ କରୁଛି। ମୁଁ ଜଣେ ଓକିଲ୍ ଅଟେ ଏବଂ ପ୍ରତ୍ୟେକ ବର୍ଗର ବ୍ୟକ୍ତିମାନେ ମକଦ୍ଦମା ସକାଶେ ମୋ ପାଖକୁ ଆସିଥାଆନ୍ତି ଏବଂ ସହସ୍ର ସହସ୍ର ଲୋକମାନଙ୍କୁ ମୁଁ ଏଥି ସଂକ୍ରାନ୍ତରେ ଅନ୍ୟ ଓକିଲମାନଙ୍କ ମାଧ୍ୟମରେ ମଧ୍ଯ ଦେଖିଛି । ଆପଣ ଜଣେ ପୁଣ୍ୟାତ୍ମା ସ୍ୱଭାବର ବ୍ୟକ୍ତି ଅଟନ୍ତି । ଆପଣଙ୍କ ସଂପର୍କରେ କେବେ ବି ମନ ଭିତରେ କୁଧାରଣା ଏବଂ ଭ୍ରମ ସୃଷ୍ଟି ହୋଇପାରିବ ନାହିଁ ଯେ, ଆପଣ କୌଣସି ପ୍ରକାରର ଲୋକ ଦେଖାଣିଆ (ପ୍ରଦର୍ଶନୀ) କାମ କରିଥିବେ । ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ମକଦ୍ଦମା ସଂପର୍କରେ ଯଦି ଆଇନର ପରାମର୍ଶ ଅନୁଯାୟୀ ନିଜର ମତ ଏବଂ ନିଜର ବିବୃତ୍ତିକୁ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ମନେକରନ୍ତି, ସେମାନେ ନିର୍ଦ୍ୱନ୍ଦ୍ୱରେ ନିଜର ମତ ଓ ବୟାନ୍‌କୁ ପରିର୍ତ୍ତନ କରିଦେଇଥାଆନ୍ତି । କିନ୍ତୁ ମୁଁ ନିଜର ଜୀବନକାଳ ମଧ୍ୟରେ ମିର୍ଜା ସାହେବଙ୍କୁ ଦେଖିଛି ଯେ, ଆପଣ (ଅ.ସ) କେବେ ବି ସତ୍ୟ ସ୍ଥାନରୁ ନିଜର ପାଦ ହଟାଇ ନାହାନ୍ତି । ସର୍ବଦା ଅବିଚଳତା ପ୍ରଦର୍ଶନ କିରଛି । ଏକ ମକଦ୍ଦମାରେ ମୁଁ ତାଙ୍କର ଓକିଲ ସାଜିଥିଲି (ଉକ୍ତ ମକଦ୍ଦମାଟି ସେହି ପାଦ୍‌ରୀ ହେନ୍‌ରୀ ମାର୍ଟିନ୍ କ୍ଲାର୍କ୍‌ର ମକଦ୍ଦମା ଥିଲା) । ଉକ୍ତ ମକଦ୍ଦମାରେ ମୁଁ ତାଙ୍କୁ ଏକ ଆଇନ୍ ବିବୃତ୍ତି (ବୟାନ୍ ଦେବା) ନିମନ୍ତେ ପ୍ରସ୍ତାବ ଦେଲି। ସେ ଉକ୍ତ ପ୍ରସ୍ତାବଟିକୁ ପାଠ କରି କହିଲେ, ତହିଁରେ ମିଥ୍ୟା (ମିଛ) କଥାର ଉଲ୍ଲେଖ ରହିଛି । ମୁଁ କହିଲି, "ଦୋଷୀର ବୟାନ୍ ଶପଥମୂଳକ ହୋଇ ନଥାଏ ଏବଂ ଆଇନତଃ ତାକୁ ଅନୁମତି ଦିଆଯାଇଛି ଯେ, ସେ ଯାହା ଚାହିଁବ ତାହା ସେ ବର୍ଣ୍ଣନା କରିବ ।" ପ୍ରତ୍ୟୁତ୍ତରରେ ହ. ମସିହ୍ ମଉଦ୍ ଅ.ସ କହିଲେ: " ଓକିଲ ମହୋଦୟ ! ଆଇନ ତ' ଦୋଷୀକୁ ଅନୁମତି ପ୍ରଦାନ କରିଦେଇଛି ଯେ, ସେ ଯାହା ଚାହିଁବ ତାହା ବର୍ଣ୍ଣନା କରୁ କିନ୍ତୁ ଈଶ୍ୱର ତ' ଅନୁମତି ପ୍ରଦାନ କରି ନାହାନ୍ତି ଯେ, ସେ ଅର୍ଥାତ୍ ଦୋଷୀ ମିଥ୍ୟ (ମିଛ କଥା) କହୁ ଓ ନା ହିଁ ଆଇନର ଏହି ଉଦ୍ଦେଶ୍ୟ ରହିଛି । ଅତଏବ୍ ମୁଁ କେବେ ବି ଏପରି ବୟାନ୍ ଦେବାକୁ ପ୍ରସ୍ତୁତ ହେବି ନାହିଁ ଯେଉଁ ବୟାନ୍‌ରେ ମୋର ଘଟଣା ତଥା ପ୍ରସଙ୍ଗ ବିପରୀତ କଥା ଥିବ । ମୁଁ ଠିକ୍ ଠିକ୍ ପ୍ରସଙ୍ଗ (କଥା କହିବି) ଉପସ୍ଥାପିତ କରିବି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଓକିଲ ସାହେବ କହୁଥିଲେ ଯେ, ମହୋଦୟ (ମିର୍ଜା ସାହେବ) ! ଆପଣ ଜାଣିଶୁଣି ନିଜକୁ ବିପତ୍ତି ମଧ୍ୟରେ ପକାଉଛନ୍ତି । ପ୍ରତ୍ୟୁତ୍ତରରେ ମସିହ୍ ମଉଦ୍ ଅ.ସ କହିଲେ, ଜାଣିଶୁଣି ବିପତ୍ତି ମଧ୍ୟରେ ପକାଇବା ଏହିପରି ଯେ, ଆଇନତଃ ବୟାନ୍ (ବିବୃତ୍ତି) ଦେଇ ଲାଭ ଉଠାଇବା ନିମନ୍ତେ ମୁଁ ନିଜର ଈଶ୍ୱରଙ୍କୁ ରୁଷ୍ଟ କରିନେବି ? ସେ ଯାହା ବି ହୋଇଯାଉ ମୋ ଦ୍ୱାରା ଏପରି କଥା ହୋଇପାରିବ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଲାଲା ଦିନା ନାଥ୍ ଯେକି ସମ୍ବାଦ ପତ୍ରର ସମ୍ପାଦକ ଥିଲେ, ସେ ବର୍ଣ୍ଣନା କରନ୍ତି ଯେ, ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅଙ୍କୁ ମୌଲବୀ ଫଜଲ୍ ଦୀନ ସାହେବ କହୁଥିଲେ ଯେ, ଉକ୍ତ କଥା ମିର୍ଜା ସାହେବ ଏତେ ଉତ୍ସାହର ସହିତ ବର୍ଣ୍ଣନା କଲେ ଯେ, ତାଙ୍କର ଚେହେରା ଉପରେ ଏକ ପ୍ରକାରର ବିଶେଷ ତେଜ (ପ୍ରତାପ) ଓ ଉତ୍ସାହ ଥିଲା । ମୁଁ ଏକଥା ଶୁଣି କହିଲି, ଓକିଲ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ, ଯେ, ଆପଣଙ୍କୁ ମୋର ଓକିଲାତି କରିବା ଦ୍ୱାରା କୌଣସି ଲାଭ ମିଳିବ ନାହିଁ । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, "ମୁଁ କେବେ ବି ଏକଥା ଚିନ୍ତା କରି ନାହିଁ ଯେ, ଆପଣଙ୍କ ଓକିଲାତି କରିବା ଦ୍ୱାରା ମୋତେ କିଛି ଲାଭ ମିଳିବ କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ପ୍ରଚେଷ୍ଟା ଦ୍ୱାରା ମୋତେ କିଛି ଲାଭ ମିଳିବ । ନା ହିଁ ମୁଁ ଏହା ମନେକରୁଛି ଯେ, କୌଣସି ବ୍ୟକ୍ତିର ବିରୋଧ ମୋର ଧ୍ୱଂସ (କ୍ଷତି) ସାଧାନ କରିପାରିବ । ମୁଁ ତ' ସେହି ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଛି ଯିଏ ମୋ ହୃଦୟକୁ ଦେଖିଥାଆନ୍ତି । ଅର୍ଥାତ୍ ଈଶ୍ୱର ଅନ୍ତର୍ଯାମୀ ଅଟନ୍ତି । ମୁଁ ଆପଣଙ୍କୁ ଏଇଥି ପାଇଁ ଓକିଲ କଲି ଯେ, ସାଧନକୁ ସମ୍ମାନ ଜଣାଇବାର ଏହି ପନ୍ଥା ରହିଛି ଯେ, ସାଧନକୁ ବିନିଯୋଗ କରାଯାଉ । ତେଣୁ ମୁଁ ଜାଣେ ଯେ, ଆପଣ ନିଜ କାର୍ଯ୍ୟରେ ବିଶ୍ୱସ୍ତ ଓ ଅଭିଜ୍ଞ ଅଟନ୍ତି ତେଣୁ ମୁଁ ଆପଣଙ୍କୁ ନିଜର ଓକିଲ କଲି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, "ଏହା ତ' ଏକ ପ୍ରକାଶ୍ୟ ମାଧ୍ୟମ ଅଟେ ଯାହା ବ୍ୟବହୃତ ହେବା ଉଚିତ୍ । ତେଣୁ ମୁଁ ଏହାକୁ ବ୍ୟବହାର କରୁଛି । ମୁଁ ଆପଣଙ୍କ ଉପରେ ନିର୍ଭର କରୁ ନାହିଁ ।" ମୌଲବୀ ଫଜଲ୍ ଦୀନ୍ ସାହେବ କହୁଥିଲେ ଯେ, ମୁଁ ପୁନଶ୍ଚ କହିଲି ଯେ, ମୁଁ ତ' ଏହି ବୟାନ୍ ଦେବା ପାଇଁ ଆପଣଙ୍କୁ ପ୍ରସ୍ତାବ ଦେଉଛି ଯେ, ଆପଣ ଏପରି କୁହନ୍ତୁ । ମିର୍ଜା ସାହେବ କହିଲେ, "ମୁଁ ଏପରି ବୟାନ୍ ଦେଇ ପାରିବି ନାହିଁ । ଯେଉଁ ବୟାନ୍ (ବିବୃତ୍ତି) ମୁଁ ଉଲ୍ଲେଖ କରୁଛି ତାହାର ପରିଣାମରୁ ମୁଁ ଅବଚେତନ ହୋଇ ତାହା ହିଁ ପ୍ରବିଷ୍ଟ କିରଦେବି ? ତହିଁରେ ଗୋଟିଏ ଶବ୍ଦ ମଧ୍ଯ ପରିବର୍ତ୍ତନ କରା ନଯାଉ । ମୁଁ ପୂର୍ଣ୍ଣ ବିଶ୍ୱାସର ସହିତ ଆପଣଙ୍କୁ କହୁଛି ଯେ, ଆପଣଙ୍କ ଆଇନ୍ ବୟାନ୍ ଅପେକ୍ଷା ମୋର ସତ୍ୟ କଥନ ସର୍ବାଧିକ ପ୍ରଭାବଶାଳୀ ହେବେ ଓ ଆପଣ ଯେଉଁ ପରିଣାମ କଥା ଚିନ୍ତା କରୁଛନ୍ତି ତାହା ପ୍ରକଟିତ ହେବ ନାହିଁ। ବରଂ ପରିଣାମ **ଇନ୍‌ଶାଅଲ୍ଲାଃ** ଉତ୍ତମ ହେବ । ଯଦି ମନେକରି ନିଆଯାଏ ଯେ, ସଂସାରର ଦୃଷ୍ଟିରେ ପରିଣାମ ଭଲ ନହୁଏ ଅର୍ଥାତ୍ ମୋତେ ଶାସ୍ତି ମିଳିଯାଏ ତେବେ ମୁଁ ଏଥିପ୍ରତି ଆଦୌ ଭୃକ୍ଷେପ କରୁ ନାହିଁ । କାରଣ ମୁଁ ସେହି ସମୟ ନିମନ୍ତେ ପ୍ରସନ୍ନ ହେବି ଯେ, ମୁଁ ନିଜର ପାଳନକର୍ତ୍ତାଙ୍କର ଅବଜ୍ଞା ପ୍ରଦର୍ଶନ କରି ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଲାଲା ଦିନା ନାଥ କହୁଥିଲେ ଯେ, ମୌଲବୀ ଫଜଲ୍ ଦୀନ ସାହେବ ଅତ୍ୟନ୍ତ ଉତ୍ସାହ ଓ ନିଷ୍ଠାର ସହିତ ଏହିପରି ଭାବରେ ମିର୍ଜା ସାହେବଙ୍କ ଡିଫେନ୍‌ସ୍ (ପ୍ରତିରକ୍ଷା) ଉପସ୍ଥାପିତ କଲେ ଏବଂ କହିଲେ, ସେ ତୁରନ୍ତ ଓ ନିଃଶଙ୍କୋଚ ନିଜର ବୟାନ୍ ଲେଖିଦେଲେ । ଅଲ୍ଲାଃଙ୍କ ଲୀଳା ବଡ଼ ବିଚିତ୍ର ଯେ, ଯେପରି ସେ (ହ. ମସିହ୍ ମଉଦ୍ ଅ.ସ) କହୁଥିଲେ ସେହି ବୟାନ୍ ଅନୁଯାୟୀ ସେ (ଆପଣ ଅ.ସ) ନିର୍ଦ୍ଦୋଷରେ ଖଲାସ୍ ହୋଇଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୌଲବୀ ଫଜଲ୍ ଦୀନ୍ ସାହେବ ତାଙ୍କର ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କର ସତ୍ୟବାଦୀତା ଏବଂ ସତ୍ୟବାଦୀତା ନିମନ୍ତେ ପ୍ରତ୍ୟେକ ପ୍ରକାରର ବିପତ୍ତିକୁ ସ୍ୱୀକାର କରିନେବାର ସାହସିକତା ଏବଂ ବୀରତ୍ୱର ଚର୍ଚ୍ଚା କରି ଉପସ୍ଥିତ ସଭାମଣ୍ଡଳୀଙ୍କ ଉପରେ ଏକ ଆଗତ ଯୋଗ୍ୟ ଅବସ୍ଥା ସୃଷ୍ଟି କରିଦେଲେ। ଯେଉଁ ଅଣଅହମଦି, ଅପରିଚିତ ବ୍ୟକ୍ତିମାନେ ସେଠାରେ ବସିଥିଲେ, ବିରୋଧ କରୁଥିଲେ ସେମାନେ ସମସ୍ତେ ନିରବ ହୋଇଗଲେ । ପ୍ରତ୍ୟୁତ୍ତରରେ କେତେକ ବ୍ୟକ୍ତିମାନେ ପଚାରିଲେ ଯେ, ଫଜଲ୍ ସାହେବ ! ଆପଣ ତାହାହେଲେ ମିର୍ଜା ସାହେବଙ୍କର ଶିଷ୍ୟ ଓ ଅନୁଗାମୀ କାହିଁକି ହୋଇଯାଉ ନାହାନ୍ତି ? ପ୍ରତ୍ୟୁତ୍ତରରେ ଫଜଲ୍ ଦୀନ ସାହେବ କହିଲେ, ମୋର ଏହା ବ୍ୟକ୍ତିଗତ ପ୍ରସଙ୍ଗ ରହିଛି ଏବଂ ତୁମକୁ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଏହି ଅଧିକାର ପ୍ରାପ୍ତ ହୋଇ ନାହିଁ ଯେ, ତୁମେ ମୋତେ ଏପରି ପ୍ରଶ୍ନ କରିବ । ମୁଁ ମିର୍ଜା ସାହେବଙ୍କୁ ଜଣେ ସତ୍ୟବାଦୀ ବ୍ୟକ୍ତି ବୋଲି ବିଶ୍ୱାସ କରୁଛି ଓ ମୋ ମନରେ ତାଙ୍କ ପ୍ରତି ମହାନ ମର୍ଯ୍ୟାଦା ନିହିତ ରହିଛି । ମୁଁ ତାଙ୍କୁ ବହୁତ ସମ୍ମାନ ଜଣାଏ । **(କିତାବିୟାତ୍, ପାକିସ୍ତାନ କେ ଅଖ୍‌ବାରାତ୍ ଓ ରସାଏଲ୍, 1947 ମସିହା ପର୍ଯ୍ୟନ୍ତ, ଡାକ୍ତର ଅବୁ ସଲ୍‌ମାନ୍ ଶାହାଜାନପୁରୀ, ପୃ-120, 236, ମୁତକଦ୍ଦିରାହ୍, ଜାତୀୟ ଭାଷା, ଇସ୍‌ଲାମାବାଦ୍-1987 ମସିହା) (ଅଲ୍ ହକମ୍, ସଂଖ୍ୟା-41, ଗ୍ରନ୍ଥଖଣ୍ଡ -37, ତା-1934 ମସିହା ପୃ-3,4) (ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-566-569)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଘଟଣା ସଂପର୍କରେ ମାଷ୍ଟର ନଜୀର୍ ହୁସୈନ୍ ସାହେବଙ୍କର ଏକ ବର୍ଣ୍ଣନା ରହିଛି । ସେ କୁହନ୍ତି: "ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ୍ ସାହେବ ଯେକି ହାଇରକୋର୍ଟର ଓକିଲ ଥିଲେ ତାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏକ ଏକ ନିବିଡ଼ ସଂପର୍କ ରହିଥିଲା ଏବଂ ସେ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ଶ୍ରଦ୍ଧାଭାବ ବ୍ୟକ୍ତ କରୁଥିଲେ । ପ୍ରାୟତଃ ସେ ହୁଜୁର୍ ଅ.ସଙ୍କ ମକଦ୍ଦମାରେ ଯାଉଥିଲେ। ସେ କୁହନ୍ତି ଯେ, ସେ (ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ୍ ସାହେବ) ମୋତେ (ମାଷ୍ଟର ନଜୀର୍ ହୁସୈନ୍ ସାହେବ) ମୋତେ କହିଲେ ଯେ, ସେ (ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ୍ ସାହେବ) ହ. ମସିହ୍ ମଉଦ୍ ଅ.ସଙ୍କୁ ସର୍ବୋଚ୍ଚ ସ୍ତରୀୟ ପୂର୍ଣ୍ଣ ସତ୍ୟବାଦୀ ବୋଲି ବିଶ୍ୱାସ କରୁଥିଲେ । ମୋ (ମାଷ୍ଟର ନଜୀର୍ ହୁସୈନ୍ ସାହେବ) ପଚାରିବାରୁ ସେ ହୁଜୁର ଅ.ସଙ୍କ ଏକ ଘଟଣା ବର୍ଣ୍ଣନା କଲେ ଏବଂ ବର୍ଣ୍ଣନା କଲେ ଯେ, ମୁଁ ଏକ ମକଦ୍ଦମା ଯାହା ହ. ମସିହ୍ ମଉ ଦ୍ ଅ.ସ ଏବଂ ଡେପୁଟୀ ମାର୍ଟିନ୍ କ୍ଲାର୍କ ସାହେବଙ୍କ ମଧ୍ୟରେ ଥିଲା ଯାଇଥିଲି । ମକଦ୍ଦମାରେ ଯେତେବେଳେ ଅବ୍ଦୁଲ୍ ହମିଦ୍ ନାମକ ଜଣେ ବ୍ୟକ୍ତି ଏହି ବୟାନ୍ (ବିବୃତ୍ତି) ଦେଲା ଯେ, ତାକୁ ହ. ମସିହ୍ ମଉଦ୍ ଅ.ସ କୁଆଡ଼େ ହତ୍ୟା କରିବା ପାଇଁ ପ୍ରେରଣ କରିଥିଲେ । ତେବେ ଲାହୋରର ଓକିଲ ସ୍ୱର୍ଗତ ମୌଲବୀ ଫଜଲ୍ ଦୀନ ସାହେବ ଓକିଲ୍ ହିସାବରେ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ, ମହୋଦୟ ! ଆପଣ ଅଦାଲତ୍‌ରେ ଏହା କହିବେ ଯେ, ଆପଣ ଅବ୍ଦୁଲ୍ ହମିଦ୍‌କୁ ଜାଣନ୍ତି ନାହିଁ। ଏହାପରେ ଅନ୍ୟ କଥା ମୁଁ (ଓକିଲ୍ ମୌଲବୀ ଫଜଲ୍ ଦୀନ୍ ସାହେବ) ଦେଖିନେବି । ମୁଁ ସେସବୁ କଥା କିଛି ଜାଣି ନାହିଁ ଆପଣ ଅ.ସ ବାସ୍ ଏତିକି ବୟାନ୍ ଦେଇ ଦିଅନ୍ତୁ ଯେ, ଆପଣ ଅବ୍ଦୁଲ୍ ହମିଦକୁ ଚିହ୍ନି ନାହାନ୍ତି । ସ୍ୱର୍ଗତ ଓକିଲ୍ ମହୋଦୟ କୁହନ୍ତି ଯେ, ମୁଁ ଯଥା ସମ୍ଭବ ମହୋଦୟ ମିର୍ଜା ସାହେବଙ୍କୁ ଆଶ୍ୱାସନା ଦେଲି ଯେ, ମହୋଦୟ (ହ. ମସିହ୍ ମଉଦ୍ ଅ.ସ) ! ଆପଣ କେବଳ ଏତିକି ବୟାନ୍ ଦେଇ ଦିଅନ୍ତୁ ଯେ, ଆପଣ ଅବ୍ଦୁଲ୍ ହମିଦ୍‌କୁ ଜାଣି ନାହାନ୍ତି । ଏପରି କରିବା ଦ୍ୱାରା ସଫଳତା ସୁନିଶ୍ଚିତ ଅଟେ । ଅନ୍ୟଥା ଜେଲ୍‌ରୁ ବାହାରିବା ଅସମ୍ଭବ ଅଟେ । ଓକିଲ ସାହେବ କହୁଥିଲେ ଯେ, ହ. ମସିହ୍ ମଉଦ୍ ଅ.ସ ମୋର ସମସ୍ତ ପ୍ରସ୍ତାବକୁ ଶୁଣି କହିଲେ, "ମୁଁ ସଂସାରରେ ସତ୍ୟତାକୁ ସ୍ଥାପନ କରିବା ସକାଶେ ଆସିଅଛି । ମୋତେ ପଛେ ଫାଶୀ ଦେଇ ଦିଆଯାଉ ନା କାହିଁକି ମୁଁ କିନ୍ତୁ କଦାପି ମିଛ କହିବି ନାହିଁ । ମୁଁ ଅବ୍ଦୁଲ୍ ହମିଦକୁ ଜାଣିଛି । ସେ ଆଗେ କାଦିଆନ୍ ଆସୁଥିଲା । ସେ ଯାହା ହୋଇଯାଉ ନା କାହିଁକି ମୁଁ ଉକ୍ତ କଥାକୁ କଦାପି ପ୍ରତ୍ୟାଖ୍ୟାନ କରିପାରିବି ନାହିଁ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୌଲବୀ ଫଜଲ୍ ଦୀନ୍ ସାହେବ କୁହନ୍ତି : "ମୁଁ ହୁଜୁରଙ୍କୁ କହିଲି, ହୁଜୁର ଆଗ ଜୀବନ ବଞ୍ଚାଇବା ସର୍ବାଦୌ କର୍ତ୍ତବ୍ୟ ଅଟେ । ତେଣୁ ହୁଜୁର୍ ଆପଣ ଯଦି ମିଛ କହିବାକୁ ଚାହୁଁ ନାହାନ୍ତି ତେବେ ଅନ୍ତତଃ ଏପରି ଉତ୍ତର ଦିଅନ୍ତୁ ଯହିଁରେ ସ୍ପଷ୍ଟ ରୂପେ ଏହା ନମିଳୁ ଯେ, ହୁଜୁର ତାକୁ ଜାଣିଛନ୍ତି । ଅର୍ଥାତ୍ ଆପଣ ଅ.ସ ଯଦି ମିଛ କହିବେ ନାହିଁ ତାହାହାଲେ ଅନ୍ତତଃ ବୁଲେଇ ଚୁଲେଇ କଥା କହି ଦିଅନ୍ତୁ । ହୁଜୁର୍ ଅ.ସ କହିଲେ, ମୁଁ ଏପରି ମଧ୍ୟ କରିପାରିବି ନାହିଁ । ଈଶ୍ୱର ମୋତେ ସମଗ୍ର ସଂସାରରେ ଉତ୍ତମ ଉଦାହରଣ ଓ ଆଦର୍ଶ ଉପସ୍ଥାପିତ କରିବା ନିମନ୍ତେ ପ୍ରେରଣ କରିଛନ୍ତି । ମୁଁ ନିଜର ପ୍ରାଣ ରକ୍ଷା ନିମନ୍ତେ ଏପରି ଉଦାହରଣ ଉପସ୍ଥାପିତ କରିବା ନିମନ୍ତେ ପ୍ରସ୍ତୁତ ନାହିଁ । ସତ କହିବାକୁ ଯାଇ ଯଦି ମୋର ପ୍ରାଣ ମଧ୍ୟ ଚାଲିଯାଏ ତେବେ ମଧ୍ୟ ମୁଁ ସଫଳ ହୋଇଯିବି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୌଲବୀ ଫଜଲ୍ ଦୀନ୍ ସାହେବ ଜଣେ ଗୈର୍ ଅହମଦି ବ୍ୟକ୍ତି ଥିଲେ, ସେ କୁହନ୍ତି: "ମୁଁ ସେତେବେଳେ ସଂପୂର୍ଣ୍ଣ ରୂପେ ନିରାଶ ହୋଇଗଲି ଯେତେବେଳେ ହୁଜୁର୍ ଅ.ସ ଅଦାଲତ୍‌ରେ ନିଜର ବୟାନ୍ ଦେଲେ । ହୁଜୁର୍ ଅ.ସ ସ୍ପଷ୍ଟ ଭାବରେ ସ୍ୱୀକାର କଲେ ଯେ, ମୁଁ ଅବ୍ଦୁଲ୍ ହମିଦ୍‌କୁ ଜାଣିଛି । ପ୍ରତ୍ୟୁତ୍ତରରେ ମୁ ସୁନିଶ୍ଚିତ ହୋଇଗଲି ଯେ, ବର୍ତ୍ତମାନ ଆଉ ହୁଜୁର୍ ଅ.ସ ଖଲାସ୍ ହୋଇପାରିବେ ନାହିଁ । ମୁକୁଳି ପାରିବେ ନାହିଁ। କିନ୍ତୁ ଈଶ୍ୱରଙ୍କ ସାହାଯ୍ୟ ସେହି ମକଦ୍ଦମାରେ ହୁଜୁର୍ ଅ.ସଙ୍କୁ ଯେତେବେଳେ ପ୍ରାପ୍ତ ହେଲା, ଏହା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି ଯେ, ଈଶ୍ୱର କିପରି ନିଜର ମାମୁର୍ (ନିଯୁକ୍ତ) ବ୍ୟକ୍ତିମାନଙ୍କୁ ସାହାଯ୍ୟ କଲେ । ହୁଜୁର୍ ଅ.ସ ସେହି ସଙ୍ଗୀନ ମକଦ୍ଦମାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଖଲାସ୍ ହେଲେ ଓ ଜୟଯୁକ୍ତ ହେଲେ ।" **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-173-174)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କ ସାହାବାମାନେ ଛେଳୀ ମେଣ୍ଢା ଓ ଗୋରୁ ଗାଈଙ୍କ ଭଳି ଜେବହ୍ ହୋଇଗଲେ । କିନ୍ତୁ ସତ୍ୟକୁ ହାତଛଡ଼ା କଲେ ନାହିଁ କି ସତ କହିବାରୁ ଅଟକିଲେ ନାହିଁ । ସେମାନେ ଏପରି ଉଦାହରଣ ପ୍ରଦର୍ଶନ କଲେ, ଯାହାର କୌଣସି ଦୃଷ୍ଟାନ୍ତ ମିଳେ ନାହିଁ। ଏହାର କାରଣ କ'ଣ ଥିଲା ? ଏହାର କାରଣ ଏହା ଥିଲା ଯେ, ସେମାନଙ୍କ ମଧ୍ୟରେ ନିଷ୍ଠା, ସତ୍ୟବାଦୀତା ଓ ବିଶ୍ୱସ୍ତତା ଥିଲା । ଏହି ପ୍ରକାରର ଭଲ ମନ୍ଦ ବାଛ ବିଚାର କରୁଥିବା ବ୍ୟକ୍ତିମାନେ ନାସ୍ତିକବାଦୀ ହୋଇଥାଆନ୍ତି । ସେମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତି ଏବଂ ଈଶ୍ୱରଙ୍କ ସକାଶେ ଗୋଟିଏ କଥା କହିଥାଆନ୍ତି । ସେମାନେ ଜାଣନ୍ତି ଯେ, ଈଶ୍ୱରଙ୍କ ସାହାଯ୍ୟ ଓ ସମର୍ଥନ ଅବଶ୍ୟ ଆସିବ, ତେଣୁ ସେମାନେ ଏପରି କରନ୍ତି ନାହିଁ । ଯେଉଁମାନେ ଅଲ୍ଲାଃତାଲାଙ୍କ ଭକ୍ତ ହୋଇଥାଆନ୍ତି ସେମାନେ ମିଛ କୁହନ୍ତି ନାହିଁ । ସେମାନେ ସତ କହିବାରୁ ଅଟକି ଯାଆନ୍ତି ନାହିଁ । ମୋତେ ଯଦି କେହି ପ୍ରଶ୍ନ ପଚାରେ ଯେ, ମୁଁ ମସିହ୍ ମଉଦ୍ ହେବାର ଯେଉଁ ଦାବି କରୁଛି ତାହାର ପ୍ରମାଣ କ'ଣ ? ତେବେ ମୁଁ ସେହି ବ୍ୟକ୍ତିକୁ ଏହି ଉତ୍ତର ଦେବି ଯେ, ସତ୍ୟବାଦୀତା ଏବଂ ପୁରୁଷତ୍ୱମୂଳକ ସାହସିକତା ବ୍ୟତୀତ କିଛି ବି ସାଧ ହୁଏ ନାହିଁ । ମୋ ଉପରେ (ମସିହ୍ ମଉଦ୍ ଅ.ସଙ୍କ ଉପରେ) ଏପରି (ଏତେ) ମକଦ୍ଦମା କରାଗଲା ସେହି ମକଦ୍ଦମାର ପରିଣାମ କ'ଣ ହେଲା ? କେହି କହିପାରିବ କି ସେହି ସବୁ କଥାରୁ ଭୟଭୀତ ହୋଇ ମୁଁ ନିଜର ପାଦ ପଛକୁ ହଟାଇ ନେଇଥିଲି । ଏହା ଶିର୍କ ଅଟେ । ମୁଁ ଏହି ବିଶ୍ୱାସ ରଖୁଛି ଯେ, ଈଶ୍ୱର ଅଛନ୍ତି । କାରଣ ସେ ନିଜର ନିଷ୍ଠାପର ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିଥାଆନ୍ତି । ମୁଁ ସତ ସତ କହି ଦେଉଛି ଯେ, ଯେଉଁ ବ୍ୟକ୍ତି ସତ୍‌ହୃଦୟ ହୋଇ لا إله إلا الله କହିଥାଏ ଅଲ୍ଲାଃତାଲା ସେହି ବ୍ୟକ୍ତି ସହିତ ହୋଇଥାଆନ୍ତି । ଇସ୍‌ଲାମ୍ ଧର୍ମ ହିଁ ଏକମାତ୍ର ଧର୍ମ ଯାହା ଠାରୁ (ଯେଉଁ ଧର୍ମରେ) ଏହି ଗୁଣଟି ସୃଷ୍ଟି ହୋଇଥାଏ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-254, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା କେବଳ ହ. ମସିହ୍ ମଉଦ୍ ଅ.ସଙ୍କ ସକାଶେ ଉଦ୍ଦିଷ୍ଟ ନୁହେଁ ବରଂ ଏହା ସମସ୍ତଙ୍କ ସକାଶେ ଉଦ୍ଦିଷ୍ଟ ଅଟେ । ଯେଉଁ ବ୍ୟକ୍ତି ବି ସତ୍‌ହୃଦୟ ହୋଇ **ଲା ଇଲାହ୍ ଇଲ୍ଲଲ୍ଲାଃହୁ** କହିବ, ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖିବ ସେହି ବ୍ୟକ୍ତିକୁ ଅଲ୍ଲାଃତାଲା ଅବଶ୍ୟ ବଞ୍ଚାଇନେବେ । ଅର୍ଥାତ୍ ଉଦ୍ଧାର କରିବେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର୍ ଅ.ସଙ୍କୁ ବାଲ୍ୟ କାଳରେ ଜାଣିଥିବା ଜଣେ ହିନ୍ଦୁ ବ୍ୟକ୍ତିର ସାକ୍ଷ୍ୟ ସଂପର୍କରେ ମଧ୍ୟ ଚର୍ଚ୍ଚା ମିଳେ । ସେହି ହିନ୍ଦୁ ବ୍ୟକ୍ତି ଜଣକ କୁହନ୍ତି ଯେ, ମୁଁ ପିଲାଟି ଦିନରୁ ହିଁ ମିର୍ଜା ଗୁଲାମ୍ ଅହମଦଙ୍କୁ ଦେଖିଛି । ମୁଁ ଓ ସେ ( ହ. ମସିହ୍ ମଉଦ୍ ଅ.ସ) ସମ ବୟସର ଅଟନ୍ତି । ମୁଁ ସବୁବେଳେ କାଦିୟାନ୍ ଯିବା ଆସିବା କରୁଥିଲି। ଏବେ ମଧ୍ୟ ମୁଁ ଦେଖୁଛି ଯେ, ଆପଣ ଅ.ସଙ୍କ ମଧ୍ୟରେ ଯେପରି ପୂର୍ବେ ଉତ୍ତମ ଅଭ୍ୟାସ ରହିଥିଲା, ଏବେ ମଧ୍ୟ ଠିକ୍ ସେହିପରି ପୁଣ୍ୟ ଗୁଣାବଳୀ ଓ ଉତ୍ତମ ଅଭ୍ୟାସ ରହିଛି । ସେହି ହିନ୍ଦୁ ବ୍ୟକ୍ତି ଜଣକ ଆପଣ ଅ.ସଙ୍କ ଜୀବନ ସଂପର୍କିତ କଥା କହୁଛନ୍ତି । ସେ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଆପଣ ଜଣେ ସତ୍ୟବାଦୀ, ବିଶ୍ୱସ୍ତ, ପୁଣ୍ୟବାନ୍, ନ୍ୟାସରକ୍ଷକ ବ୍ୟକ୍ତି ଅଟନ୍ତି। ମୁଁ ଏହା ମନେକରୁଛି ଯେ, ପରମେଶ୍ୱର ମିର୍ଜା ସାହେବଙ୍କ ରୂପରେ ଭୂପୃଷ୍ଠକୁ ଓହ୍ଲାଇ ଆସିଛନ୍ତି ଓ ପରମେଶ୍ୱର ନିଜର ଲୀଳା ନିଜେ ହିଁ ପ୍ରକାଶ କରୁଛନ୍ତି (ଦେଖାଉଛନ୍ତି) । **(ତଜ୍‌କିରତୁଲ୍ ମେହ୍‌ଦୀ, ଭାଗ-2, ଲେଖକ ହ. ପୀର୍ ସିରାଜୁଲ୍ ହକ୍ ନୁମାନୀ ର.ଅ, ପୃ-303)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ଜ୍ୟୋଷ୍ଠ (ବଡ଼) ପୁତ୍ର ସାହିବ୍‌ଜାଦା ମିର୍ଜା ସୁଲ୍‌ତାନ୍ ଅହମଦ ସାହେବ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀ ସର୍ବଦା ଧର୍ମର କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ପରିବାରର ସଦସ୍ୟମାନେ ତାଙ୍କ ଉପରେ ପୂର୍ଣ୍ଣ ରୂପେ ବିଶ୍ୱାସ କରୁଥିଲେ । ଗ୍ରାମବାସୀମାନେ ମଧ୍ୟ ଆପଣ ଅ.ସଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରୁଥିଲେ । ଯେଉଁ ଲୋକମାନେ ଆପଣ ଅ.ସଙ୍କ ବିରୋଧୀ ଥିଲେ, ସେମାନେ ଆପଣ ଅ.ସଙ୍କ ପୁଣ୍ୟର ଏପରି ସ୍ୱୀକାରୋକ୍ତି ପ୍ରକାଶ କରୁଥିଲେ ଏବଂ କଳହ ସମୟରେ ଏହା କହି ଦେଉଥିଲେ ଯେ, ଆପଣ ଅ.ସ ଯାହା କହିଦେବେ ଆମେମାନେ ତାହାକୁ ସ୍ୱୀକାର କରିନେବୁ । ପ୍ରତ୍ୟେକ ବ୍ୟକ୍ତି ଆପଣ ଅ.ସଙ୍କୁ ଅମୀନ୍ (ନ୍ୟସରକ୍ଷକ) ରୂପେ ଜାଣିଥିଲା ଏବଂ ଆପଣ ଅ.ସଙ୍କୁ ସତ୍ୟବାଦୀ ବ୍ୟକ୍ତି ରୂପେ ଜାଣିଥିଲା । **(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-200, ବର୍ଣ୍ଣନା ସଂଖ୍ୟା-196)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ସଂକ୍ରାନ୍ତରେ ଆପଣ ଅ.ସଙ୍କ ପିତାଶ୍ରୀଙ୍କ ଏହି ଧାରଣା ରହିଥିଲା ଯେ,

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଆପଣ ଅ.ସ ନିଜର ଗୁଜୁରାଣ କିପରି ମେଣ୍ଟାଇବେ ? ଆପଣ ଅ.ସ ନା ସମ୍ପତ୍ତିର ବ୍ୟବସ୍ଥା କରିପାରିବେ ଓ ନା ହିଁ ଆପଣ ଅ.ସ ଚାକିରୀ କରିବାକୁ ଇଚ୍ଛୁକ ଅଟନ୍ତି । ପାଖ ଗାଁର ଜଣେ ଶିଖ୍ ବ୍ୟକ୍ତି ଥିଲା । ତା'ର ଦୁଇ ପୁତ୍ର ଥିଲେ । ସେ ଆମ ଦଦାଙ୍କ ପାଖକୁ ଆସୁଥିଲେ। ସେହି ଶିଖ୍ ବ୍ୟକ୍ତିର ଦୁଇ ପୁତ୍ରଙ୍କ ମଧ୍ୟରୁ ଜଣେ ପୁତ୍ର ମୋତେ କହିଲା, ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଏକ ଘଟଣା ଶୁଣାଇ କହିଲା, ବଡ଼ ମିର୍ଜା ସାହେବ ଏକଦା ମୋତେ କହିଲେ ଯେ, ତୁମେ ଗୁଲାମ ଅହମଦ ପାଖକୁ ଯାଅ ସେ ତୁମ ବୟସର ପିଲା ଅଟେ । ତୁମେ ତାକୁ ଟିକେ ବୁଝାଅ । ଯଦି ସେ ସମ୍ପତ୍ତିର ବ୍ୟବସ୍ଥା କରିପାରିବ ନାହିଁ ତେବେ ତୁମେ କୁହ ଯେ, ତୁମେ ତା'ଙ୍କର ଚାକିରୀ କରାଇ ଦେବ । ଅତଏବ୍ ମୁଁ ଯାଇ ଆପଣ ଅ.ସଙ୍କୁ କହିଲି, ମହୋଦୟ ! ଆପଣଙ୍କ ପିତାଶ୍ରୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ଓ ରୁଷ୍ଟ ହେଉଛନ୍ତି ଯେ, ଆପଣ ଅ.ସ କୌଣସି କାମ ଦାମ କରୁ ନାହାନ୍ତି । ଆପଣ ଅ.ସଙ୍କ ପିତାଶ୍ରୀ ମୋତେ ଏହା ମଧ୍ୟ କହିଛନ୍ତି ଯେ, କ'ଣ ଆପଣ ସାରା ଜୀବନ ନିଜ ଭାଇଙ୍କ ରୋଜଗାରରେ ପାଳିତ ହେବେ ? ଯେତେବେଳେ ମୁଁ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ପିତାଶ୍ରୀ) ଚାଲିଯିବେ ସେତେବେଳେ ସେ (ହ. ମସିହ୍ ମଉଦ୍ ଅ.ସ) କ'ଣ କରିବ ? ତେଣୁ ହେ ବନ୍ଧୁ ! ତୁମେ ଯଦି ମୋତେ କୁହ ତେବେ ମୁଁ ତୁମର ଚାକିରୀ କରାଇଦେବି । ହ. ମସିହ୍ ମଉଦ୍ ଅ.ସ ସେହି ବ୍ୟକ୍ତିର କଥା ଶୁଣି କହିଲେ, ପିତାଶ୍ରୀ ଅଯଥାରେ ମୋ କଥା ଚିନ୍ତା କରୁଛନ୍ତି । ତୁମେ ପିତାଶ୍ରୀଙ୍କୁ ଯାଇ କହିଦିଅ ଯେ, ମୁଁ ଯାହାଙ୍କର ଚାକର ହୋଇଥାଆନ୍ତି ତାହାଙ୍କର ମୁଁ ଚାକର ହୋଇ ସାରିଲିଣି । ସେହି ଶିଖ୍ ବ୍ୟକ୍ତି ଜଣକ ମସିହ୍ ମଉଦ୍ ଅ.ସଙ୍କ ପିତାଶ୍ରୀଙ୍କୁ କହିଲା, ଜେଜ! ଯେତେବେଳେ ମୁଁ ଯାଇ ମିର୍ଜା ଗୁଲାମ ଅହମଦଙ୍କୁ ସବୁ କଥା କହିଲି ସେତେବେଳେ ସେ ମୋତେ ଏହି ଉତ୍ତର ଦେଲା ଯେ, ମୁଁ ଯାହାଙ୍କର ଚାକର ହୋଇଥାଆନ୍ତି ତାହାଙ୍କର ମୁଁ ଚାକର ହୋଇ ସାରିଲିଣି । ଅତଏବ୍ ସେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ପିତାଶ୍ରୀ ମହୋଦୟ ନିରବ ହୋଇଗଲେ ଏବଂ ପୁନଶ୍ଚ କହିଲେ, ଯଦି ମୋର ପୁତ୍ର ଏପରି କହିଛି ତେବେ ସେ ସତ କହୁଛି । ସେ କେବେ ବି ମିଛ କହିବ ନାହିଁ । **(ହାଲାତେ ହାଜିରାତ୍ କେ ମୁତାଲ୍ଲିକ ଜମାଅତ୍ ଅହମଦିୟାକୁ ଅହମ୍ ହିଦାୟତ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-13, ପୃ-512-513)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୋର ଭଲ ଭାବରେ ମନେଅଛି ଯେ, ମୁଁ ଉକ୍ତ ଘଟଣାକୁ କେବେ ବି ଭୁଲି ପାରିବି ନାହିଁ ଯେ, ଯେତେବେଳେ 1916 ମସିହାରେ ମିଷ୍ଟର୍ ୱାଲ୍‌ଟର୍ ଆଁଜିହୀନ ଯେକି ଅଖିଳ ଭାରତୀୟ ୱାଇ.ଏମ୍.ସି.ଏର ସେକ୍ରେଟାରୀ ଥିଲେ ଏବଂ ଜମାଅତ୍ ଅହମଦିୟା ସଂପର୍କରେ ସେ ଗବେଷଣା କରିବା ନିମନ୍ତେ କାଦିୟାନ୍ ଆସିଥିଲେ । ସେ କାଦିୟାନରେ ଏହି ଇଚ୍ଛା ବ୍ୟକ୍ତ କଲେ ଯେ, ମୋତେ ଜମାଅତ୍ ଅହମଦିୟାର କୌଣସି ପୁରୁାତନ ସାହାବି (ହ. ମସିହ୍ ମଉଦ୍ ଅ.ସଙ୍କର ସହଚର ଓ ଆପଣ ଅ.ସଙ୍କୁ ଦେଖିଥିବା ବ୍ୟକ୍ତି)ଙ୍କୁ ସାକ୍ଷାତ୍ କରାନ୍ତୁ । ସେତେବେଳେ ସ୍ୱର୍ଗତ ମୁନ୍‌ସୀ ଅରୋଡ଼ା ସାହେବ କାଦିୟାନ୍‌ରେ ଥିଲେ । ମିଷ୍ଟର୍ ୱାଲ୍‌ଟରଙ୍କୁ ମୁନ୍‌ସୀ ସାହେବଙ୍କ ସହିତ ମସ୍‌ଜିଦେ ମୁବାରକ ଠାରେ ସାକ୍ଷାତ୍ କରାଇ ଦିଆଗଲା । ମିଷ୍ଟର ୱାଲ୍‌ଟର୍ ସାହେବ ମୁନ୍‌ସୀ ସାହେବ ର.ଅଙ୍କ ସହିତ ଚିରାଚରିତ କଥାବାର୍ତ୍ତା କରିବା ପରେ ପଚାରିଲେ ଯେ, ଆଜ୍ଞା ଆପଣ ଅ.ସଙ୍କୁ ମିର୍ଜା ସାହେବଙ୍କର ସତ୍ୟତାର କେଉଁ ପ୍ରାମାଣ୍ୟ ସର୍ବାଧିକ ରୂପେ ପ୍ରଭାବିତ କରିଥିଲା ? ପ୍ରତ୍ୟୁତ୍ତରରେ ମୁନ୍‌ସୀ ସାହେବ ର.ଅ ଉତ୍ତର ଦେଲେ ଯେ, ଆଜ୍ଞା ଦେଖନ୍ତୁ ! ଯଦିଓ ମୁଁ ଉଚ୍ଚ ଶିକ୍ଷିତ ବ୍ୟକ୍ତି ନୁହେଁ ଏବଂ ଅଧିକ ଶୈକ୍ଷିକ ପ୍ରାମାଣ୍ୟ ସଂପର୍କରେ ମୁଁ ବିଶେଷ କିଛି ଜାଣି ନାହିଁ । କିନ୍ତୁ ମୋତେ ସବୁଠି ବେଶୀ ଯେଉଁ କଥା ପ୍ରଭାବିତ କରିଥିଲା ତାହା ହ. ମସିହ୍ ମଉଦ୍ ଅ.ସଙ୍କ ଅସ୍ତିତ୍ୱ ଥିଲା । ଆପଣ ଅ.ସଙ୍କ ଭଳି ଜଣେ ସାଧୁ, ସତ୍ୟବାଦୀ, ବିଶ୍ୱସ୍ତ, ଈଶ୍ୱରଙ୍କ ଉପରେ ସର୍ବାଧିକ ବିଶ୍ୱାସକାରୀ ବ୍ୟକ୍ତି ମୁଁ ଅନ୍ୟ କେଉଁଠି ଦେଖି ନାହିଁ । ତାଙ୍କୁ (ମସିହ୍ ମଉଦ୍ ଅ.ସଙ୍କୁ) ଦେଖି କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ ଯେ, ଆପଣ ଅ.ସ ମିଥ୍ୟାବାଦୀ ଅଟନ୍ତି। ମୁଁ ତ' ତାଙ୍କ ମୁଖ ଦର୍ଶନ କରିବାକୁ କ୍ଷୁଧାତୁର (ଭୋକିଲା) ଥିଲି । ମୋତେ ଅଧିକ ପ୍ରାମାଣ୍ୟ ଜ୍ଞାତ ନାହିଁ । ଏହା କହି ସ୍ୱର୍ଗତ ମୁନ୍‌ସୀ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ମୃତିକୁ ମନେପକାଇ ଏପରି ଉତ୍କଣ୍ଠିତ ହୋଇଗଲେ ଯେ, ଆପଣ ର.ଅ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ ଏବଂ କାନ୍ଦୁ କାନ୍ଦୁ ଆପଣ ର.ଅଙ୍କୁ ହିକ୍କା ଲାଗିଗଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମିଷ୍ଟର ୱାଲଟର୍ ସାହେବ ଯିଏ ମୁନ୍‌ସୀ ସାହେବଙ୍କ ଇଣ୍ଟରଭ୍ୟୁ ନେଉଥିଲେ ସେତେବେଳେ ତାଙ୍କର ଏହି ଅବସ୍ଥା ରହିଥିଲା ଯେ, ଯଦି ତାଙ୍କ ଶରୀରକୁ କଟାଯାଇଥାଆନ୍ତା ତେବେ ଶରୀରରେ ରକ୍ତ ନଥାଆନ୍ତା । ଅର୍ଥାତ୍ ଶରୀର ସଂପୂର୍ଣ୍ଣ ରୂପେ ଧଳା ହୋଇଗଲା । ତାଙ୍କ ଚେହେରାର ରଙ୍ଗ ଏକ ଧୁଆ ହୋଇଥିବା ଉତ୍ତରୀୟ (ଚଦର) ପରି ଧଳା ପଡ଼ିଯାଇଥିଲା ଏବଂ ପରେ ସେ ନିଜର ପୁସ୍ତକ 'ଅହମଦିୟା ମୁଭମେଣ୍ଟ୍'ରେ ଉକ୍ତ ଘଟଣାରେ ବିଶେଷ ରୂପେ ଚର୍ଚ୍ଚା ମଧ୍ୟ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ, ଯେଉଁ ବ୍ୟକ୍ତି ନିଜର ସାହଚର୍ଯ୍ୟତ୍ୱରେ ଏହି ପ୍ରକାରର ଲୋକମାନଙ୍କୁ ସୃଷ୍ଟି କଲେ ସେହି ବ୍ୟକ୍ତିକୁ ଆମେମାନେ ଓ ମୁଁ ଅନ୍ତତଃ (କଦାପି) ଧୋକାବାଜ୍ କହିପାରିବା ନାହିଁ । **(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-94-95)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମିଆଁ ରହିମ୍ ବଖଶ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଇବ୍ରାହିମ୍ ସାହେବ ନାମକ ଜଣେ ଅଣଅହମଦି ବ୍ୟକ୍ତି ମୋତେ ମିଳିଲା। ତା' ସହିତ ମୁଁ କିଛି କଥାବାର୍ତ୍ତା ହେଲି ଏବଂ ମୁଁ ତାଙ୍କର କାଇଲ୍ (ତାଙ୍କ କଥାକୁ ସ୍ୱୀକାର କରିନେଲି) । ରାତିରେ ମୁଁ ଏକ ସ୍ୱପ୍ନ ଦେଖିଲି ଯେ, ଆମେ 4 ଭାଇ ଏକ ପର୍ବତ ଗୁମ୍ଫାରେ ହଜି ଯାଇଛୁ । ବାହାରକୁ ବାହାରିବା ନିମନ୍ତେ ଆମେ ବାଟ ପାଉ ନାହୁଁ । ଆମକୁ ବାଟ ମିଳୁ ନାହିଁ । ମୁଁ ଗୋଟିଏ ପାର୍ଶ୍ୱରୁ ଉପରକୁ ଚଢି ଯାଇଛି । ମୁଁ ଦେଖିଲି ଯେ, ଏକ ରେଳଗାଡ଼ି ଚାଲିଛି (ଯାଉଅଛି) । କିନ୍ତୁ ତାହା ଭୂମି ଠାରୁ ଉଚ୍ଚରେ ରହିଛି। ମୁଁ ଆଶ୍ଚର୍ଯ୍ୟଚକିତ ହେଲି ଯେ, ଏହା କିପରି ସମ୍ଭବ ଓ ମୁଁ କିପରି ସେହି ରେଳଗାଡ଼ି ଉପରେ ଚଢ଼ିବି ? ଉପରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲା, ସେ କହୁଥିଲା ଯେ, ତଳେ ଯେଉଁ ଦଉଡ଼ିଟି ଓହଳୁଛି ସେହି ଦଉଡ଼ିକୁ ଯଦି ତୁମେ ଧରିବ ତାହାହେଲେ ତୁମେ ରେଳଗାଡ଼ି ଉପରକୁ ଚଢିପାରିବ । ଅତଏବ୍ ସକାଳେ ଇବ୍ରାହିମ୍ ସାହେବ ମୋ ପାଖକୁ ଆସିଲେ । ମୁଁ ତାଙ୍କୁ ନିଜର ସ୍ୱପ୍ନ କଥା କହିଲି । ସେ ପବିତ୍ର କୁରଆନ୍ କରୀମ୍ ଖୋଲି ମୋତେ ଦେଖାଇଲେ ଏବଂ ମୋତେ କହିଲେ, وَاعۡتَصِمُوۡا بِحَبۡلِ اللّٰہِ **(ଆଲେ ଇମ୍ରାନ୍:104)**ର ଭାବାର୍ଥ ବୁଝାଇଲେ ଯେ, ତୁମେ ଅଲ୍ଲାଃତାଲାଙ୍କ ରଜ୍ଜୁକୁ ଦୃଢ ରୂପେ ଜାବୁଡ଼ି ରଖ । ଅତଏବ୍ ମୁଁ ବୈଅତ୍ ନିମନ୍ତେ ପତ୍ର ଲେଖିଦେଲି । ଉତ୍ତର ଆସିଲା ଯେ, ମୋର ବୈଅତ୍‌କୁ ସ୍ୱୀକାର କରି ନିଆଯାଇଛି । କିନ୍ତୁ ତତ୍‌ସହିତ ମୋତେ ଏହା କୁହାଗଲା ଯେ, ମୋତେ କାଦିୟାନ୍ ଅବଶ୍ୟ ଆସିବା ଉଚିତ୍ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ୟକ୍ତିଗତ ସହାୟକଙ୍କ ପକ୍ଷରୁ ଏହି ଉତ୍ତରଟି ମିଳିଲା ଯାହାକୁ ତାଙ୍କର ବ୍ୟକ୍ତିଗତ ସହାୟକ ଉଲ୍ଲେଖ କରିଥିଲେ । ଅତଏବ୍ ମୁଁ ସେହି ମୁହୂର୍ତ୍ତରେ ହିଁ କାଦିୟାନ୍ ଯିବା ନିମନ୍ତେ ପ୍ରସ୍ତୁତ ହେଲି । ଅମୃତସର ରେଳ ଷ୍ଟେସନ ଠାରେ ଯେତେବେଳେ ମୁଁ ବଟାଲାକୁ ଯିବାକୁ ଥିବା ଗାଡ଼ିରେ ଆରୋହଣ ହେଲି ସେତେବେଳେ ଦୁଇ ତିନିଜଣ ଶିଖ୍ ବ୍ୟକ୍ତି ମଧ୍ୟ ମୋ କୋଠରୀ (ବଗି)ରେ ଥିଲେ । ସେମାନେ ବହୁତ ବୃଦ୍ଧ ବ୍ୟକ୍ତି ଥିଲେ, ସେମାନେ ମୋତେ ପଚାରିଲେ ଯେ, ହେ ବ୍ୟକ୍ତି ତୁମେ କୁଆଡ଼େ ଯାଉଛ ? ମୁଁ କହିଲି, ଆଜ୍ଞା ମୁଁ କାଦିୟାନ୍ ଯାଉଛି । ଶିଖ୍‌ମାନେ କହିଲେ, ମିର୍ଜାଙ୍କ କାଦିୟାନ୍? ମୁଁ କହିଲି, ହଁ ହଁ ମୁଁ ସେହିଠାକୁ ଯାଉଛି । ଆଚ୍ଛା ଆପଣମାନେ ମୋତେ ତାଙ୍କ ସଂପର୍କରେ ଟିକେ କହିବେ କି ସେ କିପରିକା ବ୍ୟକ୍ତି ଅଟନ୍ତି ? ଯଦିଓ ମୁଁ ସ୍ୱପ୍ନ ଦେଖି ସାରିଥିଲି କିନ୍ତୁ ତଥାପି ଟିକିଅ ନିଜ ମନକୁ ଅତିରିକ୍ତ ସନ୍ତୁଷ୍ଟି ପ୍ରଦାନ କରିବା ନିମନ୍ତେ ସେମାନଙ୍କୁ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ପଚାରିଲି ଯେ, ଆପଣ ଅ.ସ କେମିତିଆ ବ୍ୟକ୍ତି ଅଟନ୍ତି ? ସେମାନେ କହିବାକୁ ଲାଗିଲେ ଯେ, ମିର୍ଜା ସାହେବ ଜଣେ ଖ୍ୟାତ ପ୍ରତିଷ୍ଠିତ ବ୍ୟକ୍ତି ଅଟନ୍ତି । ସେ ଈଶ୍ୱର ହେବାର ଦାବି କରୁଛନ୍ତି । (**ନାଉଜୁବିଲ୍ଲାଃ**) । ଶିଖ୍‌ମାନେ ଏପରି କହିଲେ । ସେମାନଙ୍କର ବୁଦ୍ଧି ଅନୁଯାୟୀ ଏହା ସେମାନଙ୍କର ନିଜସ୍ୱ ଧାରଣା ରହିଥିଲା ଯେ, ଆପଣ ଅ.ସ ଈଶ୍ୱରତ୍ୱର ଦାବି କରିଥିଲେ । କିନ୍ତୁ ଆପଣ ଅ.ସଙ୍କ ଏହି ଦାବି ରହିଥିଲା ଯେ, ଈଶ୍ୱରଙ୍କ ଦ୍ୱାରା ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଛି ଏବଂ ମୁଁ ଈଶ୍ୱରଙ୍କ ତରଫରୁ ପ୍ରେରିତ ଅବତାର ଅଟେ ଓ ଅଲ୍ଲାଃତାଲାଙ୍କ ଆଡ଼କୁ ଆମନ୍ତ୍ରିତ କରିବା ନିମନ୍ତେ ମୋତେ ଲୋକମାନଙ୍କ ଆଡ଼କୁ ପ୍ରେରଣ କରାଯାଇଛି । ସେ ଯାହା ହେଉ ରହିମ୍ ବଖସ୍ ସାହେବ କୁହନ୍ତି ଯେ, ଯଦିଓ ମୁଁ ବୈଅତ୍ କରି ସାରିଥିଲି ତେଣୁ ମୋ ମସ୍ତିଷ୍କରେ ଦୁଷ୍ଟାମୀ କଥା ଢୁକିଲା । ତେଣୁ ମୁଁ ଦୁଷ୍ଟାମୀ ସ୍ୱରୂପ କହିଲି ଯେ, ମୁଁ ମିର୍ଜା ସାହେବଙ୍କୁ ଜାଣିଛି । ସିୟାଲକୋଟ୍ ଠାରେ ସେ ଏବଂ ମୋର ପିତାଶ୍ରୀ ଦୁହେଁ କର୍ମଚାରୀ ଥିଲେ । ସେମାନେ ଦୁହେଁ ମିଳଶି ଭାଙ୍ଗ ପିଉଥିଲେ । ମୁଁ ଥଟ୍ଟାରେ ସେମାନଙ୍କୁ ଏହି କଥା କହିଦେଲି । ପ୍ରାରମ୍ଭରେ ବିଶ୍ୱାସ ଦୁର୍ବଳ ହୋଇଥାଏ । ସେ ଯାହା ହେଉ ମୁଁ ସେହି ଶିଖ୍‌ମାନଙ୍କୁ କହିଲି ଯେ, ମୋ ପିତାଶ୍ରୀ ଏବଂ ମିର୍ଜା ସାହେବ ଦୁହେଁ ମିଶି ଭାଙ୍ଗ ପିଉଥିଲେ । ପ୍ରତ୍ୟୁତ୍ତରରେ ସେହି ଶିଖ ବ୍ୟକ୍ତିମାନେ କହିଲେ, ମିଆଁ ! ତୁମେ ଏପରି କଥା ଆଦୌ କୁହ ନାହିଁ । ସେ ତ' ଜଣେ ସାଧୁ ବ୍ୟକ୍ତି ଅଟନ୍ତି ଏବଂ ଅତ୍ୟନ୍ତ ନିଷ୍ପାପର ଓ ବିଶ୍ୱସ୍ତ ବ୍ୟକ୍ତି ଅଟନ୍ତି । ସେ ଏପରି ପ୍ରସିଦ୍ଧ ଅଟନ୍ତି ଯେ, ଲୋକମାନେ ତାଙ୍କର ଉଦାହରଣ ଉପସ୍ଥାପିତ କରିଥାଆନ୍ତି । ଆମ ଅଞ୍ଚଳ ତଥା ଆମ ଘରେ ଯଦି କେହି ସତ କଥା କୁହେ ତେବେ ଲୋକମାନେ କୁହନ୍ତି ଯେ, ବସ୍ ! କ'ଣ ତୁମେ ମିର୍ଜା ଗୁଲାମ୍ ମୁର୍ତଜାଙ୍କ ପୁତ୍ର ଅଟ କି ? ତାଙ୍କର ଏହି ସତ୍ୟତା ଆମମାନଙ୍କ ପାଇଁ ଆଦର୍ଶ ଓ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوۡنُوۡا مَعَ الصّٰدِقِیۡنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଉଦାହରଣ ପାଲଟି ଯାଇଥିଲା । ସେ ବାଲ୍ୟକାଳରେ ଆମମାନଙ୍କ ସହିତ ଖେଳୁଥିଲା। ବହି ପଢି ଆମକୁ ଶୁଣାଉଥିଲା । ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ପୁତ୍ର ଥିଲା । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ କାଦିୟାନ୍‌ର ଧନାଢ୍ୟ ଏବଂ ସମ୍ଭ୍ରାନ୍ତ ପରିବାରର ପୁତ୍ର ଥିଲେ। ଆମେ ତାଙ୍କୁ ସମ୍ମାନ ଜାଣାଉଥିଲୁ । ସେ ଦିନକୁ ଦିନ ପରିବର୍ତ୍ତନ ହୋଇଗଲା । ସେଇଥି ପାଇଁ ଆମେମାନେ ତାଙ୍କୁ ସମ୍ମାନ ଜଣାଉଥିଲୁ । କାରଣ ସେ ଜଣେ ଧନାଢ୍ୟ ଓ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିର ସନ୍ତାନ ଥିଲେ । ସେ ଯାହା ମିର୍ଜା ସାହେବଙ୍କ ମଧ୍ୟରେ ପରିବର୍ତ୍ତନ ଦେଖାଦେଲା ଏବଂ ତାଙ୍କ ଉପରେ ଏମିତି ଏକ ସମୟ ମଧ୍ୟ ଆସିଲା ଯେ, ସେ ଏକୁଟିଆ ରହିବାକୁ ଲାଗିଲେ । ଘର ଭିତରେ ରହୁଥିଲେ ଏବଂ ବାହାରକୁ ବାହାରୁ ନଥିଲେ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଏକାନ୍ତବାସ ଅବଲମ୍ବନ କରି ନେଇଥିଲେ। ଭିତରେ ଭିତରେ ଜାଦୁ ଗୁଣୀ କାର୍ଯ୍ୟ କରୁଥିଲେ । ନାଉଜୁବିଲ୍ଲାଃ''

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେହେତୁ ଲୋକମାନେ ଭ୍ରମର ବଶବର୍ତ୍ତୀ ହୋଇଥାଆନ୍ତି, ସେମାନଙ୍କ ଧର୍ମର କିଛି ଜଣା ନଥାଏ । ତେଣୁ ସେହି ଲୋକମାନଙ୍କର ଏହି ଧାରଣ ରହିଥିଲା ଯେ, ଆପଣ ଅ.ସ ଘର ଭିତରେ ରହି ଜାଦୁ ଗୁଣୀ କାମ ଅଭ୍ୟାସ କରୁଛନ୍ତି । କାଦିୟାନ୍‌ର ଆଖପାଖ 4 ମାଇଲ୍ ଦୂରତା ପର୍ଯ୍ୟନ୍ତ ସେ ଜାଦୁ ଗୁଣି କରି ଦେଇଛନ୍ତି । ଅର୍ଥାତ୍ ଲୋକମାନଙ୍କୁ ନିଜର ବଶବର୍ତ୍ତୀ କରି ନେଇଛନ୍ତି ଏବଂ ନିଜର ସତ୍ୟତାର ସ୍ୱୀକାରୋକ୍ତି ଅନ୍ୟମାନଙ୍କ ଠାରୁ ପ୍ରକାଶ କରାଇ ନେଇଛନ୍ତି। କୌଣସି ଧର୍ମର ବ୍ୟକ୍ତି ଯଦି ତାଙ୍କ ପାଖକୁ ଆସୁଥିଲା ତେବେ ସେ ସେହି ନିଜକୁ ସତ୍ୟବାଦୀ ସାବ୍ୟସ୍ତ କରି ଦେଖାଉଥିଲେ ଏବଂ ପର ବ୍ୟକ୍ତିର ଧର୍ମ ଓ ଧର୍ମମତକୁ ଭୁଲ୍ ବୋଲି ପ୍ରମାଣିତ କରି ଦେଉଥିଲେ । ସେ ଅର୍ଥାତ୍ ମିର୍ଜା ସାହେବ କହୁଥିଲେ ଯେ, ସେ ଆକାଶରୁ ଆସିଛନ୍ତି। ଶିଖ୍ ବ୍ୟକ୍ତି ଜଣକ ଉକ୍ତ କଥା ରହିମ୍ ବଖ୍‌ଶ୍ ସାହେବଙ୍କୁ କହିଲା, ମୁଁ ସେହି ଶିଖ୍ ବ୍ୟକ୍ତିଙ୍କ ଠାରୁ ଏହି କଥା ଶୁଣିଥିଲି । ଯେତେବେଳେ ମୁଁ ଅର୍ଥାତ୍ ରହିମ୍ ବଖଶ୍ ସାହେବ ଏକଥା ତାଙ୍କ ଠାରୁ ଶୁଣିନେଲି ଓ ପୁନଶ୍ଚ ମୁଁ ଯେତେବେଳେ କାଦିୟାନ ଅତିଥି ଭବନ ଠାରେ ଆସି ପହଞ୍ଚିଲି, ସେଠାରେ ତିନି ଚାରି ଜଣ ଯୁବକମାନେ ରହିଥିଲେ । ସେ କୁହନ୍ତି ଯେ, ମୁଁ କହିଲି ଚାଲ ପରୀକ୍ଷା କର । ମୁଁ କହିଲି ସଠିକ୍ ସ୍ୱୀକାର କଲେ ଅବା ନୁହେଁ । ମୁଁ ତ' ସେହି ବାଳକମାନଙ୍କର ସହିତ କଟୁ ଭାଷାରେ କଥା ହେଉଥିଲି । କିନ୍ତୁ ସେମାନେ ବିନୀତତା ପ୍ରଦର୍ଶନ କରୁଥିଲେ । ମୋର ଅସଦାଚରଣ ସତ୍ତ୍ୱେ ସେମାନେ ମୋ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶ କଲେ । କିନ୍ତୁ ମୁଁ ସେମାନଙ୍କର ସଂସ୍କାରକୁ ଦେଖିବାକୁ ଚାହୁଁଥିଲି ଯେ, ସେମାନଙ୍କର ସଂସ୍କାର କିପରି ଅଟେ ? ମୋର କଠୋରତା ତୁଳନାରେ ସେମାନେ ମୋ ପ୍ରତି କୋମଳତା ଏବଂ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ମୁଁ କହିଲି, ମୁଁ ମିର୍ଜା ସାହେବଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଛି । ସେମାନେ କହିଲେ, ବର୍ତ୍ତମାନ ହୁଜୁର୍ ଅ.ସ ଭ୍ରମଣ କରିବାକୁ ଯାଇଛନ୍ତି । ହୁଜୁର ଅ.ସଙ୍କ ସହିତ ସାକ୍ଷାତ୍ କରିବା କଷ୍ଟକର ବ୍ୟାପାର ଅଟେ । କାଦିୟାନ୍ ବୁଲି ବୁଲି ମୋ ମନ ଘାବ୍‌ରେଇବାକୁ ଲାଗିଲା। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁଁ ମୁଁ ଏହା ସ୍ଥିର କଲି ଯେ, ମୁଁ ଫେରିଯିବି । ବିଶ୍ୱାସର ଦୃଢତ୍ୱତା ବର୍ତ୍ତମାନ ତାଙ୍କ ମଧ୍ୟରେ ହୋଇ ନଥିଲା । ତେଣୁ ବାଟରେ ଜଣେ ଆରବ୍ୟ ବ୍ୟକ୍ତି ସହିତ ଦେଖା ସାକ୍ଷାତ୍ ହେଲା । ସେ କହିଲା, ଭାଇ ସାହେବ ! ଆପଣ କାଦିୟାନ୍ ଆସିଛନ୍ତି କି ? ଯଦି ଆସିଛନ୍ତି ତେବେ ହ. ସାହେବ ଅ.ସଙ୍କୁ ଅବଶ୍ୟ ଦେଖା କରି ଯାଆନ୍ତୁ । କାଦିୟାନ୍ ଆସିଛନ୍ତି ତେବେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅବଶ୍ୟ ସାକ୍ଷାତ୍ କରି ଯାଆନ୍ତୁ। ଏପରି ସୁଯୋଗ ଆଉ କେବେ ବି ମିଳିବ ନାହିଁ । ଲୋକମାନେ ତ' ଆପଣ ଅ.ସଙ୍କୁ ଭେଟିବାକୁ ଆସିବେ । କିନ୍ତୁ ଆପଣ ଅ.ସଙ୍କ ଦର୍ଶନ ଓ ଅସ୍ତିତ୍ୱ ଆଉ ଦେଖିବାକୁ ମିଳିବ ନାହିଁ । ଆପଣଙ୍କ ପାଖରେ ସୁଯୋଗ ରହିଛି। ଆପଣ ଆସିଛନ୍ତି ତ' ହ. ମସିହ୍ ମଉଦ୍ ଅ.ସଙ୍କୁ ଅବଶ୍ୟ ଦେଖା କରି ଯାଆନ୍ତୁ । କିନ୍ତୁ ମୁଁ ଉକ୍ତ କଥାକୁ ଭୃକ୍ଷେପ କଲି ନାହିଁ । ଟାଙ୍ଗା ବାଲାକୁ କହିଲି, ହେ ଚାଳକ ମୋତେ ଏହି ମୁହୂର୍ତ୍ତରେ ହିଁ ଏଠାରୁ ନେଇଚାଲ । ଗ୍ରୀଷ୍ମ ଯୋଗୁଁ ମୁଁ ଅତିଷ୍ଠ ହୋଇଯାଇଥିଲି, ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ମଧ୍ୟ ସାକ୍ଷାତ୍ ହୋଇପାରୁ ନଥିଲା । ତେଣୁ ମୁଁ ଫେରିଯିବାକୁ ମନସ୍ଥ କଲି । ସେ ଯାହା ହେଉ ଠିକ୍ ସେତିକିବେଳେ ଅଜାନ୍ ହୋଇଗଲା । ମୁଁ କହିଲି, ବର୍ତ୍ତମାନ୍ ନମାଜ୍ ପାଠ କରିକି ଯିବି । ମୁଁ ମସ୍‌ଜିଦ୍ ଆଡ଼କୁ ଗଲି । ସେହି ଆରବ୍ୟ ବ୍ୟକ୍ତି ସହିତ ମୋର ପୁଣି ଦେଖା ହେଲା ଯିଏ ମୋତେ କହିଥିଲା ଯେ, ମୁଁ ମସିହ୍ ମଉଦ୍ ଅ.ସଙ୍କୁ ସାକ୍ଷାତ୍ ନକରି ଏଠାରୁ ଯିବା ଅନୁଚିତ୍ ଅଟେ । ସେହି ଆରବ୍ୟ ବ୍ୟକ୍ତି ଜଣକ ମୋତେ କହିଲା, ଭାଇ ମହୋଦୟ ! ମୁଁ ବର୍ତ୍ତମାନ ସଜ୍‌ଦାରେ ପଡ଼ି ଆପଣଙ୍କ ସକାଶେ ଦୁଆ କରିବି ଯେ, ଅଲ୍ଲାଃତାଲା ଆପଣଙ୍କୁ କାଦିୟାନ୍‌ରେ ଅଟକାଇ ନିଅନ୍ତୁ । କାରଣ ଆପଣ ହ. ସାହେବ ଅ.ସଙ୍କୁ ଦେଖି ନିଅନ୍ତୁ । ଏହା ସେହି ଆରବ୍ୟ ବ୍ୟକ୍ତିଙ୍କର ମଧ୍ୟ ନିଷ୍ଠା ରହିଥିଲା । ଯେତେବେଳେ ରହିମ୍ ବଖ୍‌ଶ୍ ସାହେବ କହିଲେ ଯେ, ମୁଁ ଯାଉଛି ସେତେବେଳେ ସେହି ଆରବ୍ୟ ବ୍ୟକ୍ତି ଜଣ କହିଲେ, ମହୋଦୟ ! କେବଳ ଗୋଟିଏ ସମାଧାନ ରହିଛି ଯେ, ଆପଣ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଆନ୍ତୁ । ସିଜ୍‌ଦାରେ ପଡ଼ି ଯାଆନ୍ତୁ । ଆରବ୍ୟ ବ୍ୟକ୍ତି ଜଣକ କହିଲେ, ମୁଁ ସିଜ୍‌ଦାରେ ଆପଣଙ୍କ ପାଇଁ ପଡ଼ି ରହିଛି । କାରଣ ଆପଣ ହ. ସାହେବ ଅ.ସଙ୍କ ଦର୍ଶନ କରି ଯାଆନ୍ତୁ । ରହିମ୍ ସାହେବ କୁହନ୍ତି ଯେ, ମୁଁ ହ. ସାହେବଙ୍କୁ ଦେଖିଲି, ହୁଜୁର ଅ.ସ ସଭାରେ ଆସି ବସିଗଲେ । ମୁଁ ସାମ୍ନାରେ ଛିଡ଼ା ହୋଇଥିଲି ଏବଂ ମୋର ନିଶ ଓ ଦାଢି ସବୁ ମୁଣ୍ଡନ ହୋଇଥିଲା । ଅର୍ଥାତ୍ କ୍ଲିନ୍ ସେଭ୍ କରିଥିଲି । ବର୍ତ୍ତମାନ ଆଜି କାଲିକା ଯୁଗ ପରି ନୁହେଁ। ବରଂ ସେହି କାଳରେ ମଧ୍ୟ ଫ୍ୟାସନେବଲ୍ ଲୋକମାନେ ଏପରି କରୁଥିଲା । ହ. ସାହେବ ଅ.ସ ମୁଣ୍ଡ ତଳକୁ କରି ବସିଥିଲେ । ମୁଁ ମନରେ କହିଲି, ଯେ, ଯେପର୍ଯ୍ୟନ୍ତ ମୁଁ ଏହି ବ୍ୟକ୍ତିଙ୍କର ମୁଖ ଦର୍ଶନ କରିନେଇ ନାହିଁ ସେପର୍ଯ୍ୟନ୍ତ ମୋତେ ସଂପୂର୍ଣ୍ଣ ବିଶ୍ୱାସ ହେବ ନାହିଁ । ମୁଁ ପତ୍ର ମାଧ୍ୟମରେ ବୈଅତ୍ କରି ନେଇଥିଲି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଆପଣ ଅ.ସଙ୍କ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ହୋଇ ନଥିଲା । କିଛି ସମୟ ପରେ ହୁଜୁର୍ ଅ.ସ ନିଜର ମୁଣ୍ଡ ଓ ଚେହେରା ଉପରୁ ଉଠାଇଲେ । ମୁଁ ନିଜ ମନରେ କହିଲି ଯେ, ଆପଣ ଅ.ସ ସତ୍ୟବାଦୀ ଅଟନ୍ତି । ଯେତେବେଳେ ଆପଣ ଅ.ସଙ୍କୁ ମୁଖ ମୁଁ ଦେଖିଲି ସେତେବେଳେ ମୋ ମନରୁ ଏହି ସ୍ୱର ଶୁଭିଲା ଯେ, ଆପଣ ଅ.ସ ସତ୍ୟବାଦୀ ଅଟନ୍ତି । ପୁନଶ୍ଚ ମୁଁ କିଛି ସମୟ ପରେ ନିଜର ମୁଣ୍ଡ ଯେତେବେଳେ ଉପରକୁ ଉଠାଇଲି ସେତେବେଳେ ମୁଁ ଏହା କହିଲି ଯେ, آمَنَّا ଅର୍ଥାତ୍ ମୁଁ ବିଶ୍ୱାସ ନେଇ ଆସିଲି وَصَدَّقْنَا ଅର୍ଥାତ୍ ମୁଁ ପୁଷ୍ଟି କରୁଛି ଆପଣ ଅ.ସ ସତ୍ୟବାଦୀ ଅଟନ୍ତି । ତୃତୀୟ ଥର ଯେତେବେଳେ ମୁଁ ଆପଣଙ୍କ ଚେହେରାକୁ ଦେଖିଲି ସେତେବେଳେ ମୁଁ ଏହା କହିଲି ଯେ, ମୁଁ ଉତ୍ସର୍ଗ ହୋଇଗଲି । ପୁନଶ୍ଚ ଏହାପରେ ନମାଜ୍ ଛିଡ଼ା ହୋଇଗଲା । ହ. ସାହେବ ଅ.ସ ନମାଜ୍ ପାଠ କରି ସାରିବା ମାତ୍ରେ ଭିତରକୁ ଚାଲିଗଲେ । ଜଣେ ବ୍ୟକ୍ତି କବାଟ ପାଖରେ ଛିଡ଼ା ହୋଇଗଲା ଏବଂ କହିବାକୁ ଲାଗିଲା ଯେ, ହୁଜୁର୍ ! ଆପଣ ଅ.ସ ମୋ ପାଇଁ ଦୁଆ କରନ୍ତୁ । ହୁଜୁର୍ ଅ.ସ କହିଲେ, ମହୋଦୟ ! ଆପଣ ତ' ମୋର ବୈଅତ୍ ପରିସରଭୁକ୍ତ ଅଟନ୍ତି । ମୁଁ ତ' ଶତ୍ରୁମାନଙ୍କ ପାଇଁ ମଧ୍ୟ ଦୁଆ କରିଥାଏ ।

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃ-362-363ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫା ନିଜାମୁଦ୍ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସିୟାଲକୋଟ୍ ଜିଲ୍ଲାରୁ ସିନ୍ଧ ଜିଲ୍ଲାର ଶିକାର୍‌ପୁର୍ ଅଞ୍ଚଳକୁ ଚାକିରୀ କରିବା ନିମନ୍ତେ ଯାଇଥିଲି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ ଘୋର ବିରୋଧର ସ୍ୱର ଶୁଣିଥିଲି । ଅମୃତସରରେ ମୋର ଜଣେ ବନ୍ଧୁ ରହୁଥିଲେ । ସେଠାରୁ ମୁଁ ଅମୃତସରକୁ ଆସିଲି । ଅମୃତସରରୁ ସିୟାଲକୋଟ୍ ଯିବା ନିମନ୍ତେ ମନସ୍ଥ କରିଥିଲି । କିନ୍ତୁ ଶୋଇକି ରହିଗଲି ଓ ଦୁଇଟି ରେଳଗାଡ଼ି ସିୟାଲକୋଟ୍ ଚାଲିଗଲା । ଯେତେବେଳେ ମୁଁ ନିଦରୁ ଉଠିଲି ସେତେବେଳେ ଜ୍ଞାତ ହେଲା ଯେ, ରେଳଗାଡ଼ି ଯାଇ ସୋରିଛି । ତତ୍‌ପଶ୍ଚାତ୍ ମୋ ମନରେ ଏହି ଧାରଣା ସୃଷ୍ଟି ହେଲା ଯେ, ମିର୍ଜା ସାହେବଙ୍କ ଗ୍ରାମ ପାଖରେ ଅଛି । ତେଣୁ ତାଙ୍କୁ ଟିକେ ଯାଇ ଦେଖିନେବା ଉଚିତ୍ । ଅତଏବ୍ ମୁଁ ଲୋକଙ୍କୁ ପଚାରିଲି ଯେ, ବଟାଲାକୁ ଗାଡ଼ି କେତେବେଳେ ଯିବ ? ସେମାନେ କହିଲେ, ଅଧ ଘଣ୍ଟା ପରେ ଯିବ । ମୁଁ ଟିକଟ୍ ନେଲି ଏବଂ ବଟାଲା ପହଞ୍ଚିଗଲି ଏବଂ ସେଠାରୁ ପୁଣି ପାଦରେ ଚାଲି ଚାଲି କାଦିୟାନ୍ ଆସିଲି । ଅସର୍ ସମୟରେ ସେଠାରେ ମୁଁ ପହଞ୍ଚିଲି ଏବଂ ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ର.ଅଙ୍କୁ ଭେଟିଲି । ସେ ସିୟାଲକୋଟରୁ ତାଙ୍କର ଚିହ୍ନା ଥିଲେ । ଶ୍ରୀମାନ୍ ମଧ୍ୟ ସିୟାଲକୋଟ୍ ଜିଲ୍ଲାର ଅଧିବାସୀ ଥିଲେ । ସେ କୁହନ୍ତି ଅବ୍‌ଦୁଲ୍ କରୀମ୍ ସାହେବ୍ ମୋତେ ଦେଖି ଅତ୍ୟନ୍ତ ଖୁସି ହୋଇଗଲେ । ଆମେ ଅସର୍ ନମାଜ୍ ପାଠ କଲୁ । ଦ୍ୱିତୀୟ ଦିନ ସକାଳେ ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ର.ଅ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅବଗତ କଲେ । ମସ୍‌ଜିଦ୍‌ର ଝରକା ଖୋଲା ଥିଲା ସେଠାରେ (ଘୋଡ଼ାଶାଳ ପାଖରେ) ହୁଜୁର ଅ.ସ ମୋର ବୈଅତ୍ (ଦୀକ୍ଷା ଗ୍ରହଣ) ନେଲେ । ହ. ସାହେବ ଅ.ସଙ୍କ ଚେହେରା ଦେଖି ମୋ ମନ ସନ୍ତୁଷ୍ଟ ହୋଇଗଲା । ମୁଁ କହିଲି ଏହି ସଂସାର ମିଥ୍ୟାବାଦୀ (ମିଛୁଆ) ଅଟେ କିନ୍ତୁ ଏହି ଚେହେରା ମିଥ୍ୟାବାଦୀ (ମିଛୁଆ) ନୁହେଁ । ହୁଜୁର୍ ଅ.ସଙ୍କ ଚେହେରାରେ ଏକ ପ୍ରକାରର ବିଶେଷ ଆକର୍ଷଣ ରହିଥିଲା । ଆପଣ ଅ.ସଙ୍କ ମୁଖମଣ୍ଡଳରୁ ଏପରି ଆଲୋକ ବୃଷ୍ଟି ହେଉଥିଲା ଯେ, ତାହା ହୃଦୟକୁ ଜିଣି ନେଉଥିଲା (ମନୋହର ଅର୍ଥାତ୍ ହୃଦୟକୁ ହରଣ କରି ନେଉଥିଲା) ।

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-365ରୁ ଉଦ୍ଧୃତ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ହକିମ୍ ଅବ୍ଦୁର୍ ରହମାନ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ମୋ ପିତାଶ୍ରୀ ଯେତେବେଳେ ବୈଅତ୍ କରି ଚକ ସଂଖ୍ୟା-276, ଡାକ- ଗୁଜ୍‌ରାହ୍, ଜିଲ୍ଲା-ଲାଏଲ୍‌ପୁର ଠାକୁ ଗଲେ ସେତେବେଳେ ସେହି ଅଞ୍ଚଳରେ ପିତାଶ୍ରୀ ବହୁତ ତବ୍‌ଲିଗ୍ କଲେ ଏବଂ ଲୋକମାନେ ତାଙ୍କୁ ନିଜର ଇମାମ୍ ରୂପେ ନିଯୁକ୍ତ କରିନେଲେ । ଯେତେବେଳେ ଆପଣ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ ଲାଗିଲେ ଏବଂ ୱଫାତେ ମସିହ୍ (ଇସା ଅ.ସଙ୍କ ମୃତ୍ୟୁ)ର ଚର୍ଚ୍ଚା ଆସିଲା ସେତେବେଳେ ସେ ୱଫାତେ ମସିହ୍ ପ୍ରସଙ୍ଗକୁ ଖୋଲି କରି ବର୍ଣ୍ଣନା କଲେ । ସେହି ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇଗଲେ । ଗାଁର ୱଜିର୍ ଦୀନ୍ ସାହେବ ନାମକ ଜଣେ ବ୍ୟକ୍ତି ୱାର୍ଡ଼ ମେମ୍ବର ଥିଲା । ସେ ଦିନେ ହକିମ୍ ସାହେବଙ୍କୁ କହିଲା, ମହୋଦୟ! ମୋତେ ଗୋଟିଏ ହାଣ୍ଡିର ଆବଶ୍ୟକତା ରହିଛି । ସେଠାରେ ବଡ଼ ଲୋକମାନେ ବଡ଼ ବଡ଼ ହାଣ୍ଡି ତିଆରି କରୁଥିଲେ । ସାଧାରଣତଃ ଏହି ବଡ଼ ହାଣ୍ଡି ଲୋକମାନେ ଗରିବ ଲୋକମାନଙ୍କୁ ଆହାର ଖୁଆଇବା ପାଇଁ କିମ୍ବା କେତେକ ଅନ୍ୟାନ୍ୟ ଉତ୍ସବ ସକାଶେ ବଡ଼ ହାଣ୍ଡି ତିଆରି କରାଉଥିଲେ । ଏହି ବଡ଼ ବଡ଼ ହାଣ୍ଡି ଲୋକମାନଙ୍କ ଘରେ ହେଉଥିଲା । ସେ ଯାହା ହେଉ ସେ କହିଲେ, ୱଜିର୍ ସାହେବ ଗୁଜ୍‌ରାନାୱାଲା ଠାରେ ବଡ଼ ବଡ଼ ହାଣ୍ଡି ତିଆରି ହେଉଛି । ତେଣୁ ଚାଲନ୍ତୁ ସେଠାକୁ ଯିବା । ଆପଣ ମୋ ସହିତ ଚାଲନ୍ତୁ, ସେଠାରୁ ହାଣ୍ଡି ନେଇ ନେବା । ତେଣୁ ମୁଁ ତାଙ୍କୁ କହିଲି, ମହୋଦୟ ! ଯଦି ଭଲ ହାଣ୍ଡି କିଣିବାର ଅଛି ତେବେ ବଟାଲା ଚାଲନ୍ତୁ ସେଠାରୁ କିଣିନେବା । କାରଣ ବଟାଲାରେ ଭଲ ହାଣ୍ଡି ତିଆରି ହୁଏ । ଅତଏବ୍ ସେମାନେ ଯେତେବେଳେ ବଟାଲା ଠାରେ ପହଞ୍ଚିଲେ ସେତେବେଳେ ଚୌଧୁରୀ ୱଜିର୍ ଦିନ୍‌ଙ୍କୁ ମୁଁ କହିଲି, ୱଜିର୍ ସାହେବ ! ଏଠାରେ ପାଖରେ ହିଁ କାଦିୟାନ୍ ଅଛି ଏବଂ ମିର୍ଜା ସାହେବ କାଦିୟାନ୍‌ରେ ରହନ୍ତି । ମୁଁ ତାଙ୍କର ବୈଅତ୍ କରି ସାରିଛି (ଦୀକ୍ଷା ଗ୍ରହଣ କରି ସାରିଛି) । ସେ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ସତ୍ୟବାଦୀ ଅଟନ୍ତି। ଆପଣ ମଧ୍ୟ ଚାଲନ୍ତୁ । ତେବେ ଚୌଧୁରୀ ସାହେବ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଯେ, ମିର୍ଜା ସାହେବ ଅବଶ୍ୟ ଜଣେ ସତ୍ୟବାଦୀ ବ୍ୟକ୍ତି ଅଟନ୍ତି । କାରଣ ସିୟାଲକୋଟ୍ ଠାରେ ମୁଁ ଓ ମିର୍ଜା ସାହେବ ଏକାଠି କାମ କରୁଥିଲୁ (ଏକାଠି କର୍ମଚାରୀ ଥିଲୁ) । ଚୌଧୁରୀ ସାହେବ ତାଙ୍କୁ ପୂର୍ବରୁ ହିଁ ଜାଣିଥିଲେ (ଚିହ୍ନିଥିଲେ) । ମୁଁ ରାଜସ୍ୱ ନିରୀକ୍ଷକ ଥିଲି ଏବଂ ସେ ମୋ କାର୍ଯ୍ୟାଳୟରେ କାମ କରୁଥିଲେ । ହକିମ୍ ସାହେବଙ୍କ ସହିତ ଚୌଧୁରୀ ସାହେବ ହାଣ୍ଡି (ଦେଗିଚି) କିଣିବାକୁ ଯାଇଥିଲେ । ପୁନଶ୍ଚ ଯେତେବେଳେ ସେଠାରେ ହ. ମସିହ୍ ମଉଦ୍ ଅ.ସଙ୍କ ଚର୍ଚ୍ଚା ଆରମ୍ଭ ହେଲା ସେତେବେଳେ ସେ କୁହନ୍ତି: "ହଁ ମିର୍ଜା ସାହେବ ଅବଶ୍ୟ ସତ୍ୟବାଦୀ ବ୍ୟକ୍ତି ହୋଇଥିବେ ଏବଂ କାର୍ଯ୍ୟାଳୟରେ ମୁଁ ତାଙ୍କୁ କାମ କରୁଥିବାର ଦେଖିଛି । ସେ କେବେ ବି ଲାଞ୍ଚ ନେଇ ନାହାନ୍ତି ଓ ନା ହିଁ କେବେ ସେ ମିଛ କଥା କହିଛନ୍ତି । ଆପଣ ଅ.ସ ଜଣେ ସଚ୍ଚୋଟ୍, ଧର୍ମପରାୟଣ ଓ ଜଣେ ଧର୍ମନିଷ୍ଠ ବ୍ୟକ୍ତି ଥିଲେ । ଏପରି ବ୍ୟକ୍ତି କେବେ ବି ମିଛ ଦାବି କରିପାରିବ ନାହିଁ । ମୁଁ ତାଙ୍କର ତରୁଣ ଏବଂ କିଶୋର ଯୁବକାବସ୍ଥା ଦେଖିଛି । ଏପରି ବ୍ୟକ୍ତିର ଦାବି କଦାପି ମିଛ ହୋଇପାରିବ ନାହିଁ । ଚାଲ ମୁଁ ଆପଣଙ୍କ ସହିତ ଚାଲୁଛି । ସୁତରାଂ ଚୌଧୁରୀ ସାହେବ ତୁରନ୍ତ ଯାଇ ବୈଅତ୍ କରିନେଲେ ।"

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-372-373ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ମିଆଁ ଫିରୋଜ୍ ଦୀନ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୋର ଦଦା ସାହେବଙ୍କ ନାମ ମିଆଁ ନିଜାମୁଦ୍ଦୀନ ଥିଲା । ଯେଉଁ କାଳରେ ହ. ମସିହ୍ ମଉଦ୍ ଅ.ସ ଚାକିରୀ ଉଦ୍ଦେଶ୍ୟରେ ସିୟାଲକୋଟ୍ ଠାକୁ ଆସିଥିଲେ, ମୋର ଦଦା ସାହେବ ତାଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ମୁହଲ୍ଲା ସାଲୁ ଗୁଜ୍ଜର ଠାରେ ରହିବା ନିମନ୍ତେ ଭଡ଼ାରେ ଘର ଦେଇଥିଲେ । ହୁଜୁର୍ ଅ.ସ ମୋର ଦଦା ସାହେବଙ୍କ ଠାରୁ 6 ମାଶା ସୁନା (ଅର୍ଥାତ୍ 5.832 ଗ୍ରାମ୍ ସୁନା)ର ଏକ ମୁଦ୍ରିକା (ମୁଦି) ତିଆରି କରି ଘରକୁ ପ୍ରେରଣ କରିଥିଲେ । ଅର୍ଥାତ୍ ତିଆରି କରି ନିଜ ଘରକୁ ପ୍ରେରଣ କିରଥିଲେ । ତେଣୁ ମୋର ଦଦା ସାହେବଙ୍କ ସହିତ ହୁଜୁର୍ ଅ.ସଙ୍କ ନିବିଡ଼ ସଂପର୍କ ଥିଲା । ଯେତେବେଳେ ହୁଜୁର୍ ଅ.ସ ମସିହିୟତ୍ (ଇସା ଅ.ସ ହେବା) ହେବାର ଦାବି କଲେ ସେତେବେଳେ ମୋର ଦଦା ସାହେବ କିଛି କାଳ ପରେ ହୁଜୁର୍ ଅ.ସଙ୍କ ବୈଅତ୍ କରିନେଲେ ଏବଂ ସମଗ୍ର ପରିବାରକୁ କହିଲେ, ମୁଁ ତାଙ୍କର ସେହି କାଳ ସହିତ ଅବଗତ ଅଟେ ଯେତେବେଳେ ହୁଜୁର ଅ.ସ ଏଠାକାର କର୍ମଚାରୀ ଥିଲେ । ତେଣୁ ଆପଣମାନେ ମୋ ସମ୍ମୁଖରେ ବୈଅତ୍ କରି ନିଅନ୍ତୁ । ଏହି ଚେହେରା ମିଥ୍ୟାବାଦୀଙ୍କ ଚେହେରା ହୋଇ ପାରିବ ନାହିଁ । ସୁତରାଂ 1892 ମସିହା ଆମର ସମଗ୍ର ପରିବାର (ବଂଶ) ବୈଅତ୍ କରିନେଲୋ ।

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-374ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ବର୍ଣ୍ଣନା କରନ୍ତି ଯେ, ମୁନ୍‌ସୀ ଅବ୍ଦୁଲ୍ ଅଜିଜ୍ ସାହେବ ଓଜଲ୍‌ୱୀ ବର୍ଣ୍ଣନା କରନ୍ତି ଯେ, ମୁଁ 1890 ମସିହା ପାଖାପାଖି ତହସିଲ୍ ଗୁର୍ଦ୍ଦାସପୁର ଅନ୍ତର୍ଗତ ଜଗତପୁର କୋହ୍‌ଲୀୟାଁ ଠାରେ ରାଜସ୍ୱ ନିରୀକ୍ଷକ ଥିଲେ । ସେ 1891 ମସିହାରେ ଉଦ୍ୟମ କରି ମୁଁ ନିଜର ସ୍ଥାନ ଗୁର୍ଦ୍ଦାସପୁର ତହସିଲ୍ ଅନ୍ତର୍ଗତ ସେଖୁୱାଁକୁ ସ୍ଥାନାନ୍ତର କରିନେଲି । ମୁଁ ସେତେବେଳେ ଅହମଦି ହୋଇ ନଥିଲି । କିନ୍ତୁ ହ. ସାହେବଙ୍କ ଚର୍ଚ୍ଚା ଶୁଣିଥିଲି । ବିରୋଧ ତ' ନଥିଲା। କିନ୍ତୁ ଅଧିକାଂଶ ସମୟ ମସ୍ତିଷ୍କରେ ବାଧା ଉତ୍ପନ୍ନ ହେଉଥିଲା ଯେ, ବିଦ୍ୱାନ୍‌ମାନେ ତ' ସମସ୍ତେ ହ. ସାହେବଙ୍କ ବିରୋଧୀ ଅଟନ୍ତି । ସେଖୁଆଁ ଯାଇ ମୋର ପରିଚୟ ଜମାଲ୍ ଦୀନ୍, ଇମାମ୍ ଦୀନ୍ ଓ ଖୈର୍ ଦୀନ ସାହେବଙ୍କ ସହିତ ହେଲା । ସେ ମୋତେ ହ. ସାହେବଙ୍କ ପୁସ୍ତକ '**ଇଜାଲା ଔହାମ୍**' ପାଠ କରିବା ନିମନ୍ତେ ଦେଲେ । ମୁଁ ଦୁଆ କରି ସାରିବା ପରେ ଯାଇ '**ଇଜାଲା ଔହାମ୍**' ପୁସ୍ତକ ପାଠ ଆରମ୍ଭ କଲି । ଉକ୍ତ ପୁସ୍ତକକୁ ପାଠ କରୁ କରୁ ମୋ ହୃଦୟରେ ହ. ସାହେବ ଅ.ସଙ୍କ ସତ୍ୟତା ଲୌହ ଛଡ଼ ପରି ପୋତି ହୋଇଗଲା ଏବଂ ସମସ୍ତ ସନ୍ଦେହ ଦୂର ହୋଇଗଲା । ସେହି କେତୋଟି ଦିନ ପରେ ମୁଁ ମିଆଁ ଖୈର୍ ଦୀନ୍ ସହିତ କାଦିୟାନ୍ ଯେତେବେଳେ ଗଲି ସେତେବେଳେ ଗୋଲ୍ କମ୍‌ରାହ୍ ପାଖରେ ପହଞ୍ଚି ପ୍ରଥମ ଥର ହ. ସାହେବ ଅ.ସଙ୍କ ଦର୍ଶନ କଲି । ହ. ସାହେବ ଅ.ସଙ୍କୁ ଦେଖି ମୁଁ ମିଆଁ ଖୈରୁଦ୍ଦୀନ୍ ସାହେବଙ୍କୁ କହିଲି, ଏହି ମୁଖମଣ୍ଡଳ (ଚେହେରା) ମିଥ୍ୟାବାଦୀଙ୍କ ମୁଖ ନୁହେଁ । ସୁତରାଂ ମୁଁ ବୈଅତ୍ କରିନେଲି ।

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-200, ବର୍ଣ୍ଣନା ସଂଖ୍ୟା-196)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅଙ୍କ ଆଉ ଏକ ବର୍ଣ୍ଣନା ରହିଛି । ସେହି ବର୍ଣ୍ଣନାଟି ହେଉଛି ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବଙ୍କର ବର୍ଣ୍ଣନା ଅଟେ । ଅତଏବ୍ ହ. ମିର୍ଜା ବଶୀର୍ ଅହମଦ ସାହେବ ବର୍ଣ୍ଣନା କରନ୍ତି ଯେ, "ଅନ୍‌ରେବଲ୍ ଚୌଧୁରୀ ସର୍ ମୁହମ୍ମଦ ଜଫ୍ରୁଲ୍ଲାଃ ଖାନ୍ ସାହେବ ଲିଖିତ ରୂପେ ମୋତେ କହିଲେ, ଯେ, ମୁଁ ଯେତେବେଳେ ପ୍ରଥମ ଥର କରି ହ. ମସିହ୍ ମଉଦ୍ ଅ.ସଙ୍କୁ ଲାହୋର୍ ଠାରେ ଦର୍ଶନ କଲି (ଦେଖିଲି) ସେତେବେଳେ ମୋ ମନରେ କୌଣସି ଆସ୍ଥାଜନିତ ଆଲୋଚନା ଏବଂ ବିରୋଧାଭାସ ନଥିଲା । ସେତେବେଳେ ହୃଦୟରେ ଯେଉଁ ପ୍ରଭାବ ବି ପଡ଼ିଲା ତାହା ଏହା ହିଁ ଥିଲା ଯେ, ଏହି ବ୍ୟକ୍ତି ସତ୍ୟବାଦୀ ଅଟେ । ଏହି ବ୍ୟକ୍ତି ଯାହା କହୁଛି ତାହା ସତ୍ୟ ଅଟେ । ଅତଏବ୍ ଆପଣ ଅ.ସଙ୍କ ପ୍ରତି ମୋ ମନରେ ଅଲ୍ଲାଃତାଲାଙ୍କ ତରରୁ ପ୍ରବିଷ୍ଟ କରିଦିଆଗଲା ଯେ, ତାହା ହିଁ ମୋ ସକାଶେ ହୁଜୁର ଅ.ସଙ୍କ ସତ୍ୟତାର ପ୍ରକୃତ ପ୍ରମାଣ ଅଟେ । ମୁଁ ସେତେବେଳେ ଛୋଟ ପିଲା ହିଁ ଥିଲି । କିନ୍ତୁ ସେତେବେଳ ଠାରୁ ଆଜି ପର୍ଯ୍ୟନ୍ତ ମୋତେ କୌଣସି ପ୍ରମାଣର ଆବଶ୍ୟକତା ପଡ଼ି ନାହିଁ । ପରବର୍ତ୍ତୀ ସମୟରେ ନିରନ୍ତର ଏପରି ଘଟଣାବଳୀ ଘଟିଲା ଯାହାକି ମୋର ବିଶ୍ୱାସର ଦୃଢୀଭୂତର କାରଣ ହୋଇଥିଲା । କିନ୍ତୁ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ ଆପଣ ଅ.ସଙ୍କ ପବିତ୍ର ଚେହେରା ଦେଖି ହିଁ ସ୍ୱୀକାର କରିଥିଲି । ସେହି ପ୍ରଭାବ ଏପର୍ଯ୍ୟନ୍ତ ମୋ ପାଇଁ ହୁଜୁର ଅ.ସଙ୍କ ଦାବିର ସତ୍ୟତାର ସବୁଠୁ ବଡ଼ ପ୍ରମାଣ ଅଟେ । ଅତଏବ୍ ଏହି ଦୃଷ୍ଟିରୁ ମୁଁ ଏହା ମନେକରୁଛି ଯେ, ମୁଁ 1904 ମସିହା ସେପ୍ଟେମ୍ବର ମାସ 3 ତାରିଖରୁ ହିଁ ଅହମଦି ଅଟେ । ଅର୍ଥାତ୍ ମୁଁ ଯେତେବେଳେ ଆପଣ ଅ.ସଙ୍କୁ ପ୍ରଥମ ଥର ଦେଖିଥିଲି ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-2, ଭାଗ-4, ପୃ-37, ବର୍ଣ୍ଣନା ସଂଖ୍ୟା-1036)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ମିଆଁ ସଦର୍ ଦୀନ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ବୈଅତ୍ କଲି ସେତେବେଳେ ମୁଁ ନିଜର ପିତାଶ୍ରୀଙ୍କୁ କହିଲି, ପିତାଶ୍ରୀ ! କ'ଣ ଆପଣଙ୍କୁ ଜଣା ଯେ, ଲୋକମାନେ ଇକ୍କା ଉପରେ ବସି କାଦିୟାନ୍ କାହିଁକି ଆସୁଛନ୍ତି ? ସେ କହିଲେ ମୁଁ ଜାଣି ନାହିଁ । ମୁଁ କହିଲି, ମିର୍ଜା ସାହେବ କୁହନ୍ତି ଯେ, ସେ ମସିହ୍ ମଉଦ୍ ଅଟନ୍ତି । ଏକଥା ଠିକ୍ ହୋଇଥିବ । ମୁଁ ସେହି ବ୍ୟକ୍ତିକୁ ପିଲାଟି ଦିନରୁ ହିଁ ଦେଖିଛି । ସେ ଭୁଲ୍ କୁହନ୍ତି ନାହିଁ ।

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-93-94ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବର୍ତ୍ତମାନ ଦେଖ ଈଶ୍ୱର ନିଜର ପ୍ରମାଣକୁ ତୁମମାନଙ୍କ ସମ୍ମୁଖରେ ଏପରି ସିଦ୍ଧ ଓ ପ୍ରମାଣିତ କରିଦେଲେ ଯେ, ମୋର ପ୍ରମାଣ ସକାଶେ ସହସ୍ର ସହସ୍ର ପ୍ରାମାଣ୍ୟ ସ୍ଥାପନ କରି ତୁମମାନଙ୍କୁ ସୁଯୋଗ ପ୍ରଦାନ କରିଦେଇଛନ୍ତି । କାରଣ ତୁମେମାନେ ସେହି ପ୍ରାମାଣ୍ୟ ଉପରେ ଚିନ୍ତା କର । କାରଣ ଯେଉଁ ବ୍ୟକ୍ତି ତୁମମାନଙ୍କୁ ଏକ ସଂପ୍ରଦାୟ ଆଡ଼କୁ ଡାକୁଛି ସେ କେଉଁ ସ୍ତରର ଆଧ୍ୟାତ୍ମିକପୂର୍ଣ୍ଣ ଏବଂ ଅଧ୍ୟାତ୍ମ ପରିଚୟର ବ୍ୟକ୍ତି ଅଟେ ଓ କେଉଁ ପ୍ରକାରର ପ୍ରାମାଣ୍ୟ ଉପସ୍ଥାପିତ କରୁଛି ? ତୁମେମାନେ ମୋର ପୂର୍ବବର୍ତ୍ତୀ


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ଜୀବନରେ କୌଣସି ଲାଞ୍ଛନା, ମିଥ୍ୟାରଟନା, ଧୋକା ଆରୋପ ଲଗାଇ ପାରିବ ନାହିଁ । କାରଣ ତୁମେମାନେ ଏହା ଭାବିବ ଯେ, ଯେଉଁ ବ୍ୟକ୍ତି ପୂର୍ବରୁ ହିଁ ମିଥ୍ୟା ଓ ମିଥ୍ୟାରଟନାରେ ଅଭ୍ୟସ୍ତ ଅଟେ ସେ ଏହି ମିଛ କଥା ମଧ୍ୟ କହିଥିବ । ତୁମମାନଙ୍କ ମଧ୍ୟରୁ କିଏ ସେହି ବ୍ୟକ୍ତି ଯିଏ ମୋ  ଜୀବନରେ ତ୍ରୁଟି ବାହାର କରିବ, ସମାଲୋଚନା କରିପାରିବ ? ଅତଏବ୍ ଏହା ଈଶ୍ୱରଙ୍କ ଅସୀମ କୃପା ଯେ, ସେ ପ୍ରାରମ୍ଭରୁ ହିଁ ମୋତ ଧର୍ମପରାୟଣ ଉପରେ ପ୍ରତିଷ୍ଠିତ ଓ ଅବିଚଳ ରଖିଲେ । ଚିନ୍ତାକାରୀଙ୍କ ନିମନ୍ତେ ଏହା ଏକ ଜ୍ୱଳନ୍ତ ପ୍ରମାଣ ଅଟେ ।"

**(ତଜ୍‌କିରତୁସ୍ ଶାହାଦତୈନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-64)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଉପଦେଶ ଦେଇ କୁହନ୍ତି ଯେ, "ମନେରଖ ! ଯେତେବେଳେ ସତ୍ୟତା ସଂପୂର୍ଣ୍ଣ ରୂପେ ନିଜର ପ୍ରଭାବ ସୃଷ୍ଟି କରେ ସେତେବେଳେ ତାହା ଏକ ଆଲୋକ ହୋଇଯାଇଥାଏ ଯାହା ପ୍ରତ୍ୟେକ ପ୍ରକାରର ଅନ୍ଧକାରରେ ସତ୍ୟତା ଅବଲମ୍ବନକାରୀ ବ୍ୟକ୍ତିର ମାର୍ଗଦର୍ଶକ ହୋଇଯାଇଥାଏ ଏବଂ ସେହି ବ୍ୟକ୍ତିକୁ ପ୍ରତ୍ୟେକ ପ୍ରକାରର ବିପତ୍ତିରୁ ରକ୍ଷା କରିଥାଏ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-140, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ସେହି ବାସ୍ତବତାକୁ ହୃଦୟଙ୍ଗମ କରିବା ସଙ୍ଗେସଙ୍ଗେ ସତ୍ୟତା ଉପରେ ଅବିଚଳ ରହିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସର୍ବଦା ସତ୍ୟତାର ସର୍ବୋଚ୍ଚ ସ୍ତରକୁ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍। (ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 29 ମେ 2026 ମସିହା, ପୃ-2-7)**

☆☆☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦାକୀୟର ଅବଶିଷ୍ଟାଂଶ...

ଓ ପରିକଳ୍ପିତ ବୋଲି ବିବେଚିତ କରୁଛନ୍ତି । ଶତାଧିକ ଏପରି ହଦିସ୍‌ଗୁଡ଼ିକ ରହିଛି ଯହିଁରେ ଭବିଷ୍ୟବାଣୀ ସଂପର୍କରେ ଉଲ୍ଲେଖ ରହିଛି ଏବଂ ସେହି ହଦିସ୍‌ଗୁଡ଼ିକ ମଧ୍ୟରୁ ଅନେକ ହଦିସ୍ ବିଦ୍ୱାନ୍‌ମାନଙ୍କ ନିକଟରେ କ୍ଷତିକାରକ କିମ୍ବା ପରିକଳ୍ପିତ କିମ୍ବା ଦୁର୍ବଳ ଅଟନ୍ତି । ଅତଏବ୍ ସେହି ହଦିସ୍‌ମାନଙ୍କ ମଧ୍ୟରୁ ଯଦି କୌଣସି ହଦିସ୍ ପୂର୍ଣ୍ଣ ହୋଇଯାଏ ସେତେବେଳେ ଆମେମାନେ ଏହା କହି ସେହି ହଦିସ୍‌କୁ ଟାଳି ଦେବା ଯେ, ଆମେମାନେ ଏହି ହଦିସ୍‌କୁ ସ୍ୱୀକାର କରୁ ନାହୁଁ । କାରଣ ଏହି ହଦିସ୍‌ଟି ଦୁର୍ବଳ ହଦିସ୍ ଅଟେ କିମ୍ବା ସେହି ହଦିସ୍‌ର କୌଣସି ବର୍ଣ୍ଣାନାକାରୀ ଧାର୍ମିକ ଓ ବିଶ୍ୱସ୍ତ ନୁହନ୍ତି ତେବେ ସେପରିପ୍ରେକ୍ଷୀରେ ତୁମେମାନେ ସ୍ୱୟଂ ଅବିଶ୍ୱାସକାରୀ ହୋଇଯିବ । କାରଣ ଏପରି ହିଦସ୍‌କୁ ରଦ୍ଦ କରିବା ଯେଉଁ ହଦିସ୍‌ର ସତ ହେବା ଈଶ୍ୱର ସ୍ୱୟଂ ପ୍ରକାଶିତ  କରି ଦେଇଛନ୍ତି । (କିଶତି ନୁହର ପଂକ୍ତିରୁ ଉଦ୍ଧୃତ ସାରାଂଶ)

ଅତଏବ୍ ଅହାଦିସ୍‌କୁ ପରଖିବା ସଂପର୍କରେ ଯେଉଁ ବଳିଷ୍ଠ ନିୟମ ରହିଛି ତାହା ହ. ମସିହ୍ ମଉଦ୍ ଅ.ସ ଉପରୋକ୍ତରେ ବର୍ଣ୍ଣନା କରିଛନ୍ତି । ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ଯେକି ହକମ୍ ଓ ଅଦଲ୍ (ନ୍ୟାୟ ବିଚାରକ ଓ ମୀମାଂସକାରୀ) ରୂପେ ଆସିଛନ୍ତି ଆପଣଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ଐଶୀ ନିଷ୍ପତ୍ତିକୁ ସ୍ୱୀକାର କରିବା ଦ୍ୱାରା ହିଁ ଆମେମାନେ ଇସଲାମ୍ ଧର୍ମର ବଳିଷ୍ଠତା ଏବଂ ସ୍ଥାୟୀତ୍ୱତାର ପ୍ରତ୍ୟାଭୂତି ହୋଇପାରିବା । ଅତଏବ୍ ଆହାଦିସ୍‌କୁ ପରଖିବା ନିମନ୍ତେ ଏହା ଜରୁରୀ ଅଟେ ଯେ, ହ. ମସିହ୍ ମଉଦ୍ ଅ.ସ ଉପରେ ଯେଉଁ ମାର୍ଗଦର୍ଶନ ସଂପର୍କରେ ଚର୍ଚ୍ଚା କରିଛନ୍ତି ତାହା ଉପରେ ହିଁ ଆମମାନଙ୍କୁ କାର୍ଯ୍ୟାନୁସରଣ କରିବା ଉଚିତ୍ । ☆☆☆

## ବିଗତ ସଂଖ୍ୟା-25, ପୃ-୨ରେ ବର୍ଣ୍ଣିତ ଖୁତ୍‌ବା ଜୁମା 24-4-26ରେ ଅବଶିଷ୍ଟାଂଶ...

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ପୂର୍ବେ ମଧ୍ୟ ବିଗତ ଖୁତ୍‌ବାରେ ଥରେ ଏହାର କିଛି ଅଂଶ ବର୍ଣ୍ଣନା କରିସାରିଛ । ପୁନଶ୍ଚ ଆପଣ ର.ଅ ଦ୍ୱିତୀୟ ସାକ୍ଷ୍ୟ ପ୍ରଦାନ କରନ୍ତି ତାହା ୱର୍କା ବିନ୍ ନୌଫିଲଙ୍କର ସାକ୍ଷ୍ୟ ଥିଲା ।" ଆପଣ ର.ଅ ପୁନଶ୍ଚ ଉଲ୍ଲେଖ କରିଛନ୍ତି ଯେ: "ଘରେ ଜଣେ ଚଚାଙ୍କ ପୁଅ ଭାଇ ଥିଲା ଯିଏ ଯୁବ ବୟସକୁ ପହଞ୍ଚିବାକୁ ଲାଗିଲାଣି ଏବଂ ଯୁବ ପିଢୀଙ୍କ ମଧ୍ୟରେ ତବ୍‌ଲିଗ୍ କରିବାର ଉତ୍ତମ ମାଧ୍ୟମ ହୋଇପାରିବ । ସେ ଯେତେବେଳେ ନିଜର ଭାଇ ଭାଉଜଙ୍କୁ ଅର୍ଥାତ୍ ଆଁହଜରତ୍ ସ.ଅ ଓ ହ. ଖଦିଜା ର.ଅଙ୍କୁ ଅତ୍ୟନ୍ତ ଗମ୍ଭୀରତାର ସହିତ ଏକ ପ୍ରମୁଖ ପରିବର୍ତ୍ତନ ସଂପର୍କରେ କଥାବାର୍ତ୍ତା କରୁଥିବାର ଶୁଣିଲା ସତେବେଳେ ସେ ଅତ୍ୟନ୍ତ ବିନମ୍ରତାର ସହିତ ଆଗକୁ ବଢି କହିଲା, ଆଜ୍ଞା ମୁଁ ବି ବିଶ୍ୱାସ ରଖୁଛି ଯେ, ଆପଣ ସ.ଅ ସତ୍ୟବାଦୀ ଅଟନ୍ତି ଏବଂ ଈଶ୍ୱର ଆପଣ ସ.ଅଙ୍କ ସହିତ ଅବଶ୍ୟ କଥାବାର୍ତ୍ତା କରିଛନ୍ତି ଓ ଈଶ୍ୱର ଆପଣ ସ.ଅଙ୍କୁ ସଂସାରର ସୁଧାର ନିମନ୍ତେ ନିଯୁକ୍ତ କରିଛନ୍ତି । ଜଣେ ସ୍ୱାଧୀନପ୍ରାପ୍ତ ଦାସର ସାକ୍ଷ୍ୟ ଯିଏ ଆପଣ ସ.ଅଙ୍କ ଉତ୍ତମ ଚରିତ୍ରର ଶିକାର ହୋଇ ନିଜର ଜନ୍ମ କଲା ମାତା ପିତାଙ୍କୁ ଛାଡ଼ି ଆପଣ ସ.ଅଙ୍କ ଦୁଆର ସମ୍ମୁଖରେ ବସି ଯାଇଥିଲା ଏବଂ ସେମାନଙ୍କ ସହିତ ସେ ଯିବାକୁ ମନା କରିଦେଇଥିଲା । ଅତଏବ୍ ସେହି ଯୁବକ ଯେତେବେଳେ ଧୀରେ ଧୀରେ ଗୁଣୁ ଗୁଣୁ ହେଉଥିବା କଥାକୁ ଶୁଣିଲା ଏବଂ ନିଜର ପ୍ରିୟ ମୁନିବଙ୍କ ଚେହେରା ଉପରେ ଚିନ୍ତିତ ଓ ଆଶଙ୍କାର ଲକ୍ଷଣକୁ ଦେଖିଲା, ସେତେବେଳେ ସେ ଆଗକୁ ଅଗ୍ରସର ହୋଇ ନିଜର ପ୍ରିୟ ମୁନିବଙ୍କ କାନିକୁ ଧରି ପକାଇଲା ଏବଂ କହିଲା, ହେ ମୋର ପ୍ରିୟ ମୁନିବ ! ଆପଣ ସ.ଅ ଯାହା ଦେଖିଛନ୍ତି ତାହା ହିଁ ହେବ । ଆପଣ ସ.ଅ ଯାହା କହିଛନ୍ତି ତାହା ହିଁ ସତ୍ୟ ଏବଂ ଯାହା ଦେଖିଛନ୍ତି ତାହା ହିଁ ସତ୍ୟ ଅଟେ । ଆପଣ ସ.ଅଙ୍କ ପରି ବ୍ୟକ୍ତି ସହିତ ପ୍ରକୃତି କେବେ ଧୋକା କରିପାରିବ ନାହିଁ । ଆପଣ ସ.ଅ ତ' ସଂପୂର୍ଣ୍ଣ ରୂପେ ଆପାଦ ମସ୍ତକ ସତ୍ୟ ଓ ସତ୍ୟବାଦୀ ଅଟନ୍ତି । ଆପଣ ସ.ଅଙ୍କୁ ପ୍ରକୃତି କିପରି ଧୋକା ଦେଇ ପାରିବ ? ବର୍ତ୍ତମାନ ସେହି ସମୟଟି ଆସି ଯାଇଛି ଯେତେବେଳେ ଆପଣ ସ.ଅଙ୍କ ହାତରୁ ସଂସାରର ସୁଧାର ହେବ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ମଧ୍ୟ ଆପଣ ସ.ଅଙ୍କ ସହିତ ରହିବା ଅନୁମତି ପ୍ରଦାନ କରନ୍ତୁ ଏବଂ ସେବା କରିବା ନିମନ୍ତେ ସୁଯୋଗ ପ୍ରଦାନ କରନ୍ତୁ ।"

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଏକମାତ୍ର ନିବିଡ଼ ତଥା ଘନିଷ୍ଟ ମିତ୍ରର ଆଉ ଏକ ସାକ୍ଷ୍ୟ ରହିଛି । ଅର୍ଥାତ୍ ଗୋଟିଏ ଶାମୁକାରେ ଲାଳିତ ପାଳିତ ହେଉଥିବା ଦ୍ୱିତୀୟ ମୁକ୍ତା ଥିଲା । ସେହି ସାଙ୍ଗ ଯେତେବେଳେ ଏକଥା ଶୁଣେ ଯେ, ତା' ସଙ୍ଗ ଜଣକ ବିନା ପରରେ ଉଡ଼ିବା ଆରମ୍ଭ କରି ଦେଇଛି ଏବଂ ସମ୍ଭବତଃ ତା' ମସ୍ତିଷ୍କରେ କିଛି ବାଧା ସୃଷ୍ଟି ହୋଇଯାଇଛି ସେତେବେଳେ ସେହି ବନ୍ଧୁ ଜଣକ ଦଉଡ଼ିଗଲା ଏବଂ କବାଟ ଖୋଲି ପଚାରିଲା ଯେ, ହେ ବନ୍ଧୁ ! ମୁଁ ଯାହା ଶୁଣୁଛି ତାହା କ'ଣ ସତ ? ଯେତେବେଳେ ଆପଣ ସ.ଅ ତା' ସମ୍ମୁଖରେ ବ୍ୟାଖ୍ୟା କରିବାକୁ ଲାଗିଲେ ସେତେବେଳେ ସେହି ସାଙ୍ଗ ଜଣକ କହିଲା, ହେ ମୋର ବନ୍ଧୁ ! ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ! ଆପଣ ମୋତେ ପ୍ରମାଣ ଦିଅନ୍ତୁ ନାହିଁ । କେବଳ ଏତିକି କୁହନ୍ତୁ ଯେ, କ'ଣ ଏସବୁ କଥା ସତ ? ଆପଣ ସ.ଅ ପୁଷ୍ଟ କରିବା (ଅର୍ଥାତ୍ ହଁ କହିବା) ପରେ ସେହି ସାଙ୍ଗ ଜଣକ କହିଲା, ହେ ମୋର ପ୍ରକୃତ ବନ୍ଧୁ ! ମୁଁ ଆପଣ ସ.ଅଙ୍କ ଅବତାରତ୍ୱ ଉପରେ ବିଶ୍ୱାସ ଆଣୁଛି । ଆପଣ ସ.ଅ ତ' ଅନର୍ଥ କରିବାକୁ ଲାଗିଥିଲେ ଯେ, ଆପଣ ସ.ଅ ମୋତେ ପ୍ରମାଣ ଦେଇ ମୋର ବିଶ୍ୱାସକୁ ସନ୍ଦେହଯୁକ୍ତ କରିଦେଇ ଥାଆନ୍ତେ । ଆପଣ ସ.ଅଙ୍କ ସତ୍ୟତାକୁ ମୁଁ ଏପରି ଦେଖି ନେଇଛି ଯେ, ମୋତେ ଆଉ ପ୍ରମାଣର ଆବଶ୍ୟକତା ନାହିଁ । ପୁନଶ୍ଚ ସେ କହିଲା, ଅର୍ଥାତ୍ ହ. ଅବୁ ବକ୍କର୍ ର.ଅ କହିଲେ, ହେ ମୋର ବନ୍ଧୁ (ଅର୍ଥାତ୍ ହ. ଅବୁ ବକ୍କର ର.ଅ ଆଁହଜରତ୍ ସ.ଅଙ୍କୁ କହିଲେ, ହେ ମୋର ବନ୍ଧୁ) ! ଯେଉଁ ବ୍ୟକ୍ତି ତୁମ୍ଭର ମୁଖକୁ ଦର୍ଶନ କଲା ସିଏ କେତେବେଳେ ତୁମ୍ଭ କଥା ଉପରେ ସନ୍ଦେହ ପ୍ରକାଶ କରିପାରିବା ? ତହିଁରେ କୌଣସି ସନ୍ଦେହ ନାହିଁ ଯେ, ବିରୋଧ ହେବାର ହିଁ ଥିଲା । କାରଣ ୱର୍କା ବିନ୍ ନୌଫଲ୍‌ର କହିବା ମୁତାବକ لَمْ يَأْتِ رَجُلٌ قَطُّ بِمِثْلِ مَا جِئْتَ بِهِ إِلَّا عُوْدِيَ ଅର୍ଥାତ୍ ଯେଉଁ ବ୍ୟକ୍ତି ବି ଏପରି ସନ୍ଦେଶ ଆଣିଲା ସେହି ବ୍ୟକ୍ତି ଲୋକମାନଙ୍କର ବିରୋଧରୁ ବର୍ତ୍ତି ପାରିଲା ନାହିଁ । କିନ୍ତୁ ଈଶ୍ୱରଙ୍କ ବିଧାନ ଦେଖ ଯେ, ସେହି ବିରୋଧର ଝଡ଼ ତୋଫାନ ଆସିବା ପୂର୍ବରୁ ହିଁ ଅଲ୍ଲାଃତାଲା କିପରି ଆପଣ ସ.ଅଙ୍କ ସାଥି ସୃଷ୍ଟି କରିଦେଲେ । ମକ୍କାବାସୀଙ୍କ ମଧ୍ୟରୁ ଜଣେ ଇହୁଦୀ ବ୍ୟକ୍ତିର ବିଦ୍ୱାନ୍ ୱର୍କା ପ୍ରଥମ ଆକ୍ରମଣରେ ହିଁ ପରାଜିତ ହେଲା । ଜୀବନ ସଂଙ୍ଗୀନୀ ହ. ଖଦିଜା ର.ଅ ଐଶୀବାଣୀ ଶୁଣିବା ମାତ୍ରେ ଆପଣ ସ.ଅଙ୍କୁ ଡାକିନେଲେ । ତରୁଣ ଭାଇ ହ. ଅଲୀ ର.ଅ ଯିଏ ସର୍ବଦା ଆପଣ ସ.ଅଙ୍କ ପାରିବାରିକ ଚାରିତ୍ରକକୁ ଦେଖୁଥିଲେ ସେ ନିଜର ସେବା ଉପସ୍ଥାପିତ କରିବାକୁ ଲାଗିଲେ । ସେହି ସ୍ୱାଧୀନ ପ୍ରାପ୍ତ ଦାସ ହ. ଜୈଦ୍ ର.ଅ ଯିଏ ଆପଣ ସ.ଅଙ୍କ ନେଣ ଦେଣ ଏବଂ ଅଭାବି ଦରିଦ୍ର ଲୋମାନଙ୍କ ସହିତ ହୋଇଥିବା ଆଚରଣର ଗଭୀର ତଥା ଦୀର୍ଘ ଅଧ୍ୟୟନ କରିଥିଲେ ସେ ଆପଣ ସ.ଅଙ୍କ ସତ୍ୟବାଦୀତାର ରାଣ ଖାଇବାକୁ ଲାଗିଲେ । ବାଲ୍ୟ କାଳର ବନ୍ଧୁ, ମକ୍କାର ଉପକାରକାରୀ, ସାଧୁତ୍ୱର ପ୍ରତିମୂର୍ତ୍ତି ହ. ଅବୁ ବକ୍କର ର.ଅ କେବଳ ଏତିକି କଥା ଶୁଣିଲେ ଯେ, ଆପଣ ସ.ଅଙ୍କ ଉପରେ ଐଶୀବାଣୀ ଅବୀତୀର୍ଣ୍ଣ ହୋଇଛି, ଆପଣ ସ.ଅ ଏହି ଦାବି କରିଛନ୍ତି, ସେହି ଅବୁ ବକ୍କର ର.ଅ ନିଜ ଗଳାରେ ଦାସତ୍ୱର ଦଉଡ଼ି ପକାଇ ଆପଣ ସ.ଅଙ୍କ କବାଟ ସମ୍ମୁଖରେ ଆସି ବସିଗଲେ । ସେହି ଶ୍ରଦ୍ଧା, ଆସ୍ଥା ଓ ନିଷ୍ଠାର ଅତୁଳନୀୟ ଦୃଷ୍ଟାନ୍ତ ଆପଣ ସ.ଅଙ୍କ ମନରେ କେମିତିଆ ଆନନ୍ଦ ସୃଷ୍ଟି କରି ନଥିବ ? ମକ୍କାବାସୀ ହାବ ଭାବ, ସେମାନଙ୍କର ବ୍ୟଙ୍ଗ ବିଦ୍ରୁପ କୁ ଶୁଣି ଆପଣ ସ.ଅ  କିପରି ହସି ଦେଉଥିବେ ଏବଂ କହୁଥିବେ ଯେ, ଏ ହେଉଛି ତୁମମାନଙ୍କର ଧର୍ମାଦେଶ ଯେଉଁମାନେ ମୋତ ଜାଣନ୍ତି ନାହିଁ । ଯେଉଁ ଲୋକମାନେ ମୋତେ ଜାଦୁକର କୁହନ୍ତି, ଅମକ ସମକ କୁହନ୍ତି, ସେମାନେ ବର୍ତ୍ତମାନ ଉକ୍ତ ଧର୍ମାଦେଶକୁ ମଧ୍ୟ ଶୁଣି ନିଅନ୍ତୁ । କାରଣ ଏହି ଧର୍ମଦେଶ ମୋତେ ଜାଣିଥିବା ବ୍ୟକ୍ତିମାନେ ହିଁ ଦେଇଛନ୍ତି । ପ୍ରାଣୋତ୍ସର୍ଗୀ ସାହାବାମାନେ କିପରି ନିଜର ପ୍ରାଣ ଦେଇ ମୋର ବାମ ପାର୍ଶ୍ୱରେ ଏବଂ ଡାହାଣ ପାର୍ଶ୍ୱରେ ଛିଡ଼ା ହୋଇଛନ୍ତି । ମୁସା ଅ.ସ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ ମାଗିଥିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋତେ ଗୋଟିଏ ଜିନିଷ ପତ୍ର ଉଠାଇଲା ବାଲା (ବୋଝ ବହନକାରୀ) ବ୍ୟକ୍ତି ପ୍ରଦାନ କର ।

ହଜୁରୁ ଅନ୍‌ୱର୍ ଅ.ବ କହିଲେ, ଏଠେର ହ. ମୁସ୍‌ଲେହ୍ ମଉଦ୍ ର.ଅ ଆୟତ୍‌ର ବ୍ୟାଖ୍ୟା କରି  ହ. ମୁସା ଅ.ସଙ୍କ ସାଥିମାନଙ୍କର ଓ ଆଁହଜରତ୍ ସ.ଅଙ୍କ ସାଥିମାନଙ୍କର ତୁଳନା କରୁଛନ୍ତି । ସେଇଥି ପାଇଁ ଆପଣ ର.ଅ ହ. ମୁସା ଅ.ସଙ୍କର ଉଦାହରଣ ଦେଇଛନ୍ତି ଯେ, ହ. ମୁସା ଅ.ସ ଦୁଆ କଲେ ଏବଂ ବୋଝ ଉଠାଇବା ନିମନ୍ତେ ଏକ ମନ୍ତ୍ରୀ ମାଗିଥିଲେ । କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କୁ ଅଲ୍ଲାଃତାଲା ପାଞ୍ଚ ପାଞ୍ଚଟି ମନ୍ତ୍ରୀ ନମାଗି ପ୍ରଦାନ କରିଦେଲେ । ସେହି ମନ୍ତ୍ରୀମାନେ ଆପଣ ସ.ଅଙ୍କ ବୋଝ ଉଠାଇବାରେ କିପରି କମାଲ୍ କରି ଦେଖାଇ ଦେଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନିଃସନ୍ଦହ ରୂପେ ୱର୍କାଙ୍କ ମୃତ୍ୟୁବରଣ ହେଲା । କିନ୍ତୁ ଆଁହଜରତ୍ ସ.ଅଙ୍କ ସତ୍ୟତା ସଂପର୍କରେ ସେ ଏକ ଅଲିଭା ସାକ୍ଷ୍ୟ ପ୍ରଦାନ କରି ଦେଇଗଲେ । ହ. ଖଦିଜା ର.ଅ 12 ବର୍ଷ କାଳ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ପତ୍ନି ହୋଇ ସେହି କାର୍ଯ୍ୟ ସମ୍ପାଦନ କରି ଦେଖାଇଦେଲେ ଯେ, ବୀରରୁ ଅତି ବୀର ପୁରୁଷ ମଧ୍ୟ ନିଜର ଆଖି ତଳକୁ କରିନେବ । ହ. ଜୈଦ୍ ର.ଅ 20 ବର୍ଷ କାଳ ପର୍ଯ୍ୟନ୍ତ ବଳିଦାନ ଦେବାରେ **(ଅବଶିଷ୍ଟାଂଶ......ପୃ-10ରେ)**

## ପୃ-09ରେ ବର୍ଣ୍ଣିତ ଖୁତବା ଜୁମା-24-426ରେ ଅବଶିଷ୍ଟାଂଶ

ଅତୁଳନୀୟ ଉଦାହରଣ ପ୍ରଦର୍ଶନ କଲେ ଏବଂ ପରିଶେଷରେ ଖଡ୍ଗର ତୀକ୍ଷ୍ଣ ଧାର ସମ୍ମୁଖରେ ନିଜର ରକ୍ତ ଦେଇ ଏହା ସିଦ୍ଧ କରିଦେଲେ ଯେ, ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ମନ୍ତ୍ରୀମାନେ କିପରି ହେବା ଉଚିତ୍ ? ହ. ଅବୁ ବକ୍କର୍ ର.ଅ ଏବଂ ହ. ଅଲୀ ର.ଅ ତ' ଆପଣ ସ.ଅଙ୍କ ବିୟୋଗ ପରେ ମଧ୍ୟ ରହିଲେ ଓ ଖଲିଫା ହୋଇ ମନ୍ତ୍ରୀତ୍ୱର ଏକ ନୂତନ ପରିଚୟ ପ୍ରଦାନ କରିଥିଲେ ।"

**(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-13, ପୃ-201-202, ସଂସ୍କରଣ ବର୍ଷ-2023)**

ହଜୁର୍ ଅନଓ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ ଆଁହଜରତ୍ ସ.ଅଙ୍କ ଜୀବନୀର ଆଦର୍ଶ ବର୍ଣ୍ଣନା କରି ଏକ ସ୍ଥାନରେ ଉଲ୍ଲେଖ କରନ୍ତି : "ସତ୍ୟବାଦୀ ଏବଂ ସତ୍ୟନିଷ୍ଠ ବ୍ୟକ୍ତିର ସତ୍ୟତାର ପ୍ରମାଣ ମଧ୍ୟରୁ ଏକ ବଳିଷ୍ଠ ପ୍ରମାଣ ତା'ର ନିଜର ଆତ୍ମା ଅଟେ । ସେହି ଆତ୍ମା ସମଗୋଷ୍ଠୀ ଏବଂ ବିରୋଧୀ ଗୋଷ୍ଠୀଙ୍କୁ, ପରିଚିତ ଓ ଅପରିଚିତମାନଙ୍କୁ, ରହସ୍ୟ ଗୁପ୍ତ ରଖୁଥିବା ବ୍ୟକ୍ତିମାନଙ୍କୁ ଚିତ୍କାର କରି ଏହା କହିଥାଏ ଯେ, ହେ ଲୋକମାନେ ! ତୁମେମାନେ ମୋତେ ଦେଖ ଏବଂ ମୋତେ ଛୋଟ କହିବା ପୂର୍ବରୁ ତୁମେମମାନେ ଟିକେ ଚିନ୍ତାକର ଯେ, କ'ଣ ତୁମେମାନେ ମୋତେ ମିଥ୍ୟାବାଦୀ ବ୍ୟକ୍ତି କହିପାରିବ ? ମୋତେ ମିଥ୍ୟାବାଦୀ କହିବା ଦ୍ୱାରା ତୁମମାନଙ୍କ ହାତରୁ ସେହି ସମସ୍ତ ସାଧନ ଖସିଯିବ ଯେଉଁ ସାଧନ ସହିତ ତୁମେମାନେ କୌଣସି ବସ୍ତୁର ସତ୍ୟତା ଜ୍ଞାତ କରିଥାଅ ? ମୋତେ ମିଥ୍ୟାରଚନାକାରୀ ବିବେଚିତ କରିବା ଦ୍ୱାରା ତୁମମାନଙ୍କ ପାଇଁ ସେହି ଦ୍ୱାର ରୁଦ୍ଧ (ବନ୍ଦ) ହୋଇଯିବ ନାହିଁ ଯେଉଁ ଦ୍ୱାର ମଧ୍ୟ ଦେଇ ତୁମେମାନେ ଅତିକ୍ରମ କରି ଲକ୍ଷ୍ୟ ସ୍ଥଳକୁ ପ୍ରାପ୍ତ କରିଥାଅ ? ସଂସାରର ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ପ୍ରାଣୀ ନିରନ୍ତରତା ଆବଶ୍ୟକ କରିଥାଏ ଏବଂ ପ୍ରତ୍ୟେକ ବସ୍ତୁର ସ୍ତର ରହିଛି । ନା ପୁଣ୍ୟ ନିଜର ମଧ୍ୟବର୍ତ୍ତୀ ସ୍ତରକୁ ପରିତ୍ୟାଗ କରି ପୂର୍ଣ୍ଣତ୍ୱ ପର୍ଯ୍ୟନ୍ତ ପହଞ୍ଚି ପାରିବ ଓ ନା ହିଁ ପାପ ମଧ୍ୟବର୍ତ୍ତୀ ସ୍ଥାନକୁ ପରିତ୍ୟାଗ କରି ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚି ପାରିବ ? ତେବେ ଏହା କିପରି ସମ୍ଭବ ଯେ, ପଶ୍ଚିମ ଦିଗ ଆଡ଼କୁ ଦଉଡୁଥିବା ବ୍ୟକ୍ତି ହଠାତ୍ ନିଜକୁ ପୂର୍ବ ଦିଗରେ ଏବଂ ଦୂରରେ ଥିବାର ଦେଖିବାକୁ ପାଇବ ? ଏହା ସମ୍ଭବ ହୋଇପାରିବ ନାହିଁ ଯେ ଜଣେ ବ୍ୟକ୍ତି ଗୋଟିଏ ଦିଗକୁ ଦଉଡ଼ିଥାଏ ଏବଂ ପହଞ୍ଚିବ ଯାଇ ପୁଣି ଅନ୍ୟ ଦିଗ ବା ସ୍ଥାନକୁ । ସେହିପରି ଦକ୍ଷିଣ ଦିଗକୁ ଯାଉଥିବା ବ୍ୟକ୍ତି ନିଜକୁ ଉତ୍ତର ଦିଗରେ ଛିଡ଼ା ହୋଇଥିବାର କିପରି ପାଇ ପାରିବ ? ତେଣୁ ଆପଣ ସ.ଅ କହିଲେ, ହେ ଲୋକମାନେ! ମୁଁ ନିଜର ସମସ୍ତ ଜୀବନ ତୁମମାନଙ୍କ ମଧ୍ୟରେ ଅତିବାହିତ କରିଛି । ମୁଁ ଛୋଟ ପିଲା ଥିଲି ଏବଂ ତୁମମାନଙ୍କର ହାତରୁ ହିଁ ମୁଁ ବଡ଼ ହୋଇଛି । ମୁ ଯୁବକଟିଏ ଥିଲି ଏବଂ ତୁମମାନଙ୍କ ହାତରେ ହିଁ ମୁଁ ବୃଦ୍ଧାବସ୍ଥାକୁ ଉପନୀତ ହେଲି । ମୋର ଏକାନ୍ତ ବାସ ଏବଂ ସମସ୍ତ ମଧ୍ୟରେ ଉଠା ବସା ସହିତ ତୁମେମାନେ ମଧ୍ୟ ଅବଗତ ଅଟ। ଏକଥା ତୁମମାନଙ୍କ ମଧ୍ୟରେ ଥିବା ଅନେକ ବ୍ୟକ୍ତିମାନେ ଜାଣିଛନ୍ତି ଏବଂ ସେହି ବ୍ୟକ୍ତିମାନେ ତୁମମାନଙ୍କ ମଧ୍ୟରେ ବିଦ୍ୟମାନ ଅଛନ୍ତି । ମୋର କୌଣସି କାର୍ଯ୍ୟ ତୁମମାନଙ୍କୁ ଠାରୁ ଅଛପା ନୁହେଁ ଏବଂ କୌଣସି କଥନ ତୁମମାନଙ୍କୁ ଠାରୁ ଲୁଚି ନାହିଁ। ତେବେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏହା କହିପାରିବ ଯେ, ମୁଁ କେବେ ମିଛ କହିଛି, ଅନ୍ୟାୟ ତଥା ଅତ୍ୟାଚାର କରିଛି, ଧୋକା ଦେଇଛି, କାହାର ଅଧିକାରକୁ ମୁଁ ହଡ଼ପ କରିଛି କିମ୍ବା ନିଜର ଆତ୍ମ ବଡ଼ିମା ପ୍ରକାଶ କରିଛି ଓ ଆତ୍ମ ବଡ଼ିମାର ଅଭିଳାଷୀ ହୋଇଛି, ରାଜ୍ୟ ପ୍ରାପ୍ତ କରିବା ନିମନ୍ତେ ମୁଁ ଉଦ୍ୟମ କରିଥିବି ? ପ୍ରତ୍ୟେକ ଭୂମିରେ ତୁମେମାନେ ମୋତେ ପରୀକ୍ଷା କଲ ଏବଂ ପ୍ରତ୍ୟେକ ଅବସ୍ଥାରେ ତୁମେମାନେ ମୋତେ ପରୀକ୍ଷା କଲ, କିନ୍ତୁ ତୁମେମାନେ ସର୍ବଦା ମୋର ପାଦକୁ ମଧ୍ୟବର୍ତ୍ତୀ ସ୍ଥାନରେ ପଦକ୍ଷେପ ତଥା ପରିଚାଳିତ ହେଉଥିବାର ଦେଖିଅଛ । ତୁମେମାନେ ମୋତେ ପ୍ରତ୍ୟେକ ଦୋଷ ଦୁର୍ବଳତା ଠାରୁ ପବିତ୍ର ପାଇଲ। ଏପର୍ଯ୍ୟନ୍ତକି ବନ୍ଧୁ ଓ ଶତ୍ରୁମାନଙ୍କ ଠାରୁ ମୁଁ ଅମିନ୍ ଏବଂ ସିଦ୍ଦିକ୍ (ବିଶ୍ୱସ୍ତ ଓ ନ୍ୟାସ ରକ୍ଷକ)ର ଉପାଧି ପ୍ରାପ୍ତ କଲି । ତେବେ ଏମିତି କେଉଁ କଥା ହୋଇଗଲା ଯେ, କାଲି ପର୍ଯ୍ୟନ୍ତ ତ' ମୁଁ ତୁମମାନଙ୍କର ବିଶ୍ୱସ୍ତ ଥିଲି, ସତ୍ୟବାଦୀ ଥିଲି, ସତ୍ୟନିଷ୍ଠ ଥିଲି, ମିଛରୁ ବହୁ ଦୂରରେ ରହୁଥିଲି, ସତ୍ୟତା ଉପେରେ ପ୍ରାଣୋତ୍ସର୍ଗୀ ଥିଲି, ସତ୍ୟତା ମୋ ଉପରେ ଗର୍ବ କରୁଥିଲା, ତୁମେମାନେ ପ୍ରତ୍ୟେକ ପ୍ରସଙ୍ଗରେ ମୋ ଉପରେ ବିଶ୍ୱାସ କରୁଥିଲ ଏବଂ ମୋର ପ୍ରତ୍ୟେକ କଥାକୁ ତୁମେମାନେ ସ୍ୱୀକାର କରୁଥିଲ । କିନ୍ତୁ ଆଜି ଗୋଟିଏ ଦିନରେ ଏପରି କ'ଣ ପରିବର୍ତ୍ତନ ହୋଇଗଲା ଯେ, ଗୋଟିଏ ଦାବି କରିଦେବାରୁ ମୁଁ ନିକୃଷ୍ଟରୁ ଅତି ନିକୃଷ୍ଟତର, ଖରାପରୁ ଅତି ଖରାପ ହୋଇଗଲି ? ମୁଁ ଲୋକମାନଙ୍କ ଉପରେ ଓ ଅଲ୍ଲାଃତାଲାଙ୍କ ଉପରେ ନା କେବେ ମିଥ୍ୟାରଚନା କରିଥିଲି ନା ବର୍ତ୍ତମାନ କରୁଛି । ଏହି ପ୍ରକାରର ପରିବର୍ତ୍ତନର ଉଦାହରଣ ପ୍ରକୃତିର ନିୟମରେ ଅନ୍ୟ କେଉଁଠି ଦେଖିବାକୁ ମିଳେ ? ଦିନେ କିମ୍ବା ଦୁଇ ଦିନର କଥା ଥାଆନ୍ତା ତେବେ ତୁମେମାନେ କହିଥାଆନ୍ତ ଯେ, ଏହି ବ୍ୟକ୍ତିଟି ଆଡ଼ମ୍ବର ଦ୍ୱାରା ଏପରି ହୋଇଯାଇଛି । ବର୍ଷେ, ଦି ବର୍ଷର କଥା ଯଦି ହୋଇଥାଆନ୍ତା ତେବେ ତୁମେମାନେ କହିପାରି ଥାଆନ୍ତ ଯେ, ମୁଁ ତୁମମାନଙ୍କୁ ଧୋକା ଦେବାରେ ଏପରି ପନ୍ଥା ଅବଲମ୍ବନ କରିଛି । କିନ୍ତୁ ମୁଁ ସମଗ୍ର ଜୀବନ ତୁମମାନଙ୍କ ମଧ୍ୟରେ ଅତିବାହିତ କରିଛି । ତୁମେମାନେ ମୋର ବାଲ୍ୟକାଳ ଦେଖିଛ, ତରୁଣ, କିଶୋର ଓ ଯୁବାବସ୍ଥାକୁ ମଧ୍ୟ ଦେଖିଛ, ବାର୍ଦ୍ଧକ୍ୟାବସ୍ଥା ଯେତେବେଳେ ଆରମ୍ଭ ହେଲା ସେତେବେଳେ ଏହି କାଳ(ସମୟ)ଟି ମଧ୍ୟ ତୁମମାନଙ୍କ ଦୃଷ୍ଟି ସମ୍ମୁଖରେ ଅତିବାହିତ ହେଲା । ତେବେ ଏପରି ଆଡମ୍ବରତା ଏବଂ ଏଭଳିଆ କୃତ୍ରିମତା କିପରି ସମ୍ଭବପର ଥିଲା ? ବାଲ୍ୟକାଳରେ ଯେତେବେଳେ ଭଲ ମନ୍ଦ ସଂପର୍କରେ ମଧ୍ୟ ଜଣା ନଥିଲା ସେତେବେଳେ ମୁଁ କିପରି କୃତ୍ରିମତା କରିଥିଲି ? ଯୁବାବସ୍ଥା ଯାହାକି ପାଗଳାମୀ ଅବସ୍ଥା ରୂପେ ବିବେଚିତ ଅଟେ ତହିଁରେ ମୁଁ ଛଳନା ଦ୍ୱାରା ନିଜର ଅବସ୍ଥାକୁ କିପରି ଲୁଚାଇଲି ? ପରିଶେଷରେ କିଛି ତ' ଭାବ ଯେ, ଏହି ଧୂର୍ତ୍ତତା କେତେବେଳେ ହେଲା ଓ କିଏ କଲା ? ଯଦି ଚିନ୍ତା ଓ ବିଚାର କରି ମୋର ଜୀବନକୁ ନିଷ୍କଳଙ୍କ ଏବଂ ନିଃସ୍ୱାର୍ଥ ହିଁ ନପାଅ ବରଂ ତୁମେମାନେ ମୋର ଜୀବନକୁ ପୁଣ୍ୟର ପ୍ରତିମୂର୍ତ୍ତି ଏବଂ ସତ୍ୟତାର ପିତୁଳା ରୂପେ ଦେଖ ଅର୍ଥାତ୍ ସତ୍ୟତା ରୂପରେ ଦେଖ ତେବେ ସୂର୍ଯ୍ୟକୁ ଦେଖି ରାତ୍ରର ଘୋଷଣା କର ନାହିଁ । ଦିନ ଯେତେବେଳେ ବୃଦ୍ଧି ପାଇଛି ସେତେବେଳେ ତୁମେମାମେନ ଏହା କୁହ ନାହିଁ ଯେ, ବର୍ତ୍ତମାନ ରାତି ହୋଇଛି । ଠିକ୍ ସେହିପରି ମୋର କଥାଗୁଡ଼ିକ ମଧ୍ୟ ଦିବାଲୋକ ପରି ସ୍ୱଚ୍ଛ ଅଟେ । ଆଲୋକର ଉପସ୍ଥିତିରେ ଅନ୍ଧକାରର ଅଭିଳାଷୀ ହୁଅ ନାହିଁ । ତୁମମାନଙ୍କୁ ମୋର ଆତ୍ମା ବ୍ୟତୀତ ଅନ୍ୟ କେଉଁ ପ୍ରମାଣର ଆବଶ୍ୟକତା ରହିଛି ? ମୋର ଆତ୍ମା ହିଁ ସବୁଠୁ ବଡ଼ ପ୍ରମାଣ ଅଟେ । ମୋର ପୂର୍ବ ଚାଲି ଚଳଣକୁ ଯଦି ବାଦ୍‌ଦିଅ ତେବେ ଅନ୍ୟ କେଉଁ ପ୍ରମାଣର ଆଉ ଆବଶ୍ୟକତା ରହିଛି ? ମୋର ସମସ୍ତ ଅତୀତ ତୁମମାନଙ୍କ ସମ୍ମୁଖରେ ରିହଛି। ତଥାପି ତୁମେମମାନେ ମୋତେ କହୁଛ ଯେ, ମୁଁ ତୁମମାନଙ୍କ ସମ୍ମୁଖରେ ପ୍ରମାଣ ଉପସ୍ଥାପିତ କରିବି ? ମୋର ଆତ୍ମା ସ୍ୱୟଂ ସାକ୍ଷ୍ୟ ଅଟେ ଏବଂ ମୋର ଜୀବନ ମଧ୍ୟ ମୋର ସାକ୍ଷ୍ୟ ଅଟେ । ତୁମମାନଙ୍କ ମଧ୍ୟରେ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜର ଗ୍ରୀବାରେ ଉଣ୍ଡିକି ଦେଖେ ତେବେ ତା'ର ମନ ଏବଂ ତା'ର ମସ୍ତିଷ୍କ ମଧ୍ୟ ଉକ୍ତ ପ୍ରସଙ୍ଗର ସାକ୍ଷ୍ୟ ପ୍ରଦାନ କରିବ ଯେ, ସତ୍ୟତା ତହିଁରେ (ଏହି ବ୍ୟକ୍ତି ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ) ଅକ୍ଷୁର୍ଣ୍ଣ ରହିଛି ଏବଂ ଏହି ବ୍ୟକ୍ତି ମଧ୍ୟରେ ସତ୍ୟତା ଅକ୍ଷୁର୍ଣ୍ଣ ରହିଛି । ସତ୍ୟତା ମୋ ଆତ୍ମା ଉପରେ ଗର୍ବ ପ୍ରକାଶ କରିଥାଏ ଏବଂ ଆତ୍ମା ସତ୍ୟତା ଉପରେ ଗର୍ବ ପ୍ରକାଶ କରିଥାଏ। ଅତଏବ୍ ଆପଣ ସ.ଅ ନିଜର ଏହି ସତ୍ୟତାକୁ ପ୍ରମାଣିତ କରିବା ନିମନ୍ତେ ଅନ୍ୟ କୌଣସି ବସ୍ତୁର ଆବଶ୍ୟକ କଲେ ନାହିଁ । ଏହାର ଉଦାହରଣ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟର ପ୍ରମାଣ ପରି ଅଟେ ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ଅର୍ଥାତ୍ ସୂର୍ଯ୍ୟୋଦୟ ହୋଇ ଦିନ ବୃଦ୍ଧି ପାଇବାର ପ୍ରମାଣ ମିଳିଥାଏ । ଏହା ହିଁ ସେହି ବଳିଷ୍ଠ ପ୍ରମାଣ ଅଟେ ଯାହା ହ. ଅବୁ ବକ୍କର ର.ଅଙ୍କ ମନରେ ବସା ବାନ୍ଧି ନେଇଥିଲା ଏବଂ ଏହା ହିଁ ସେ ଶକ୍ତିଶାଳୀ ପ୍ରମାଣ ଯାହା ସର୍ବଦା ସତ୍ୟତା ପ୍ରିୟ ଓ ସତ୍ୟାଭିଳାଷୀ ଲୋକମାନଙ୍କ ମନରେ ବସା ବାନ୍ଧି ଚାଲିଥିବ। ଯେତେବେଳେ ଆଁହଜରତ୍ ସ.ଅ ଦାବି କଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ନିଜର ଜଣେ ବନ୍ଧୁଙ୍କ ଘରେ ଥିଲେ । ସେହିଠାରେ ହିଁ ଆପଣ ର.ଅଙ୍କ ଜଣେ ସ୍ୱାଧୀନ ପ୍ରାପ୍ତ ଦାସୀ ଆପଣ ର.ଅଙ୍କୁ ସୂଚନା ଦେଲା ଯେ, ହେ ଅବୁ ବକ୍କର୍ ର.ଅ ! ଆପଣ ର.ଅଙ୍କ ବନ୍ଧୁଙ୍କ ପତ୍ନି କୁହନ୍ତି ଯେ, ଯେପରି ହ. ମୁସା ଅ.ସ ଅବତାର ହୋଇଥିଲେ ଠିକ୍ ସେହିପରି ତାଙ୍କର ସ୍ୱାମୀ (ହ. ମୁହମ୍ମଦ୍ ସ.ଅ) ମଧ୍ୟ ସେହି ପ୍ରକାରର ଅବତାର ହୋଇଯାଇଛନ୍ତି । ଆପଣ ର.ଅ (ହ. ଅବୁ ବକ୍କର ର.ଅ) ସେହି ମୁହୂର୍ତ୍ତରେ ହିଁ ଛିଡ଼ା ହେଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କ ଘରକୁ ଗଲେ ଓ ଆପଣ ସ.ଅଙ୍କୁ ସମସ୍ତ କଥା ପଚାରିଲେ । ଆପଣ ସ.ଅ କହିଲେ, ହେ ଅବୁ ବକ୍କର ! ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ହ. ଅବୁ ବକ୍କର୍ ର.ଅଙ୍କ ସେହି କଥାକୁ ଶୁଣି ଆପଣ ସ.ଅ କହିଲେ, ହେ ଅବୁ ବକ୍କର୍ ! ହଁ ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ହ. ଅବୁ ବକ୍କର ର.ଅ ଉକ୍ତ କଥାକୁ ଶୁଣିବା ମାତ୍ରେ ଆପଣ ସ.ଅଙ୍କ ଦାବିକୁ ସ୍ୱୀକାର କରିନେଲେ । ସୁତରାଂ ରସୁଲ୍ କରୀମ୍ ସ.ଅ ମଧ୍ୟ ଆପଣ ର.ଅ (ହ. ଅବୁ ବକ୍କର ର.ଅ)ଙ୍କ ବିଶ୍ୱାସ ସଂପର୍କରେ କୁହନ୍ତି: "ମୁଁ କାହାରିକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରି ନଥିଲି । କିନ୍ତୁ ଅବୁ ବକ୍କର୍ ର.ଅଙ୍କ ସମ୍ମୁଖରେ ଯେତେବେଳେ ଇସ୍‌ଲାମ୍ ଧର୍ମ ଉପସ୍ଥାପିତ କରାଗଲା ସେତେବେଳେ ସେ ଆଦୌ ଦ୍ୱନ୍ଦ୍ୱ ଓ ଶଙ୍କୋଚ ପ୍ରକାଶ କଲେ ନାହିଁ । ବରଂ ସେ ସ୍ୱୟଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ ।" ଏହି ପ୍ରସଙ୍ଗଟି କେଉଁ ପ୍ରସଙ୍ଗ ଥିଲା ଯାହା ହ. ଅବୁ ବକ୍କର୍ ର.ଅଙ୍କୁ ବିନା କୌଣସି ନିଦର୍ଶନ ଦେଖି ରସୁଲ୍ କରୀମ୍ ସ.ଅଙ୍କ ଉପରେ ବିଶ୍ୱାସ

### କଳାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଲ୍ କୁମର: 36)

ଅନୁବାଦ: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଳାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-11ରେ ବର୍ଣ୍ଣିତ ଖୁତବା ଜୁମା-24-426ରେ ଅବଶିଷ୍ଟାଂଶ

ଆଣିବା ନିମ୍ନତେ ମାଧ୍ୟ କରିଦେଲା ? ଏହା ଆଁହଜରତ୍ ସ.ଅଙ୍କ ପବିତ୍ର ଆତ୍ମାର ଡାକ ଥିଲା ଯାହା ଆପଣ ସ.ଅଙ୍କ ସତ୍ୟତାର ସ୍ୱୟଂ ସାକ୍ଷ୍ୟ ବହନ କରେ........... ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ହ. ଖଦିଜା ର.ଅ, ହ. ଅଲୀ ର.ଅ ଓ ହ. ଜୈଦ୍ ବିନ୍ ହାରିସ୍ ର.ଅଙ୍କ ସଂପର୍କରେ ସାକ୍ଷ୍ୟ ସଂପର୍କରେ କହି ସାରିଛି । ସମସ୍ତେ ଆପଣ ସ.ଅଙ୍କ ସାକ୍ଷ୍ୟକୁ ଦେଖି ଆପଣ ସ.ଅଙ୍କ ସେହି କଥାର ସାକ୍ଷ୍ୟ ଥିଲେ । ଅର୍ଥାତ୍ ଅବତାରଙ୍କ ସତ୍ୟତାର ପ୍ରଥମ ପ୍ରମାଣ ତାଙ୍କର ଆଭ୍ୟନ୍ତରୀଣ ଆତ୍ମା (ଅନ୍ତରାତ୍ମା) ହୋଇଥାଏ । ଯାହା ସ୍ୱୟଂ ତାହାଙ୍କ ତୁଣ୍ଡରୁ ହିଁ ତାହାଙ୍କ ସତ୍ୟତାର ପ୍ରମାଣ ଦେଇଥାଏ । ତେଣୁ ଅବତାରଙ୍କ ସାକ୍ଷ୍ୟ ଏପରି ବଳିଷ୍ଠ ହୋଇଥାଏ ଯେ, ତାହାଙ୍କ ଉପସ୍ଥିତିରେ ଅନ୍ୟ କୌଣସି ଚମତ୍କାର କିମ୍ବା ଅନ୍ୟ କୌଣସି ନିଦର୍ଶନର ଆବଶ୍ୟକତା ପଡ଼ି ନଥାଏ ।

**(ଦାଓ୍ୱତୁଲ୍ ଅମୀର, ଅନ୍‌ୱାରୁଲ୍ ଉଲୂମ୍, ଗ୍ରନ୍ଥଖଣ୍ଡ-07, ପୃ-425-428)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଈଶ୍ୱରଙ୍କ ବାଣୀରୁ ଏହି ସୂଚନା ମିଳେ ଯେ, ଯେଉଁ ଲୋକମାନେ ଧର୍ମପରାୟଣ ହୋଇଥାଆନ୍ତି ସେମାନେ ବିନୀତତା, ବିନମ୍ରତା ଏବଂ ଦାରିଦ୍ର୍ୟତା ଓ ସରଳ ଜୀବନ ଯାପନ କରିଥାଆନ୍ତି । ସେମାନେ ଅହଂ ସର୍ବସ୍ୱ କଥା କୁହନ୍ତି ନାହିଁ । ସେମାନଙ୍କର ବାର୍ତ୍ତାଳାପ ଏପରି ହୋଇଥାଏ ଯେପିରକି ଜଣେ ଛୋଟ ପିଲା ବଡ଼ ଲୋକ ସହିତ କଥାବାର୍ତ୍ତା ହୋଇଥାଏ । ଯେଉଁ କାର୍ଯ୍ୟ କରିବା ଦ୍ୱାରା ଆମମାନଙ୍କର କଲ୍ୟାଣ ଓ ଉନ୍ନତି ହୋଇପାରିବ ସେହି କାର୍ଯ୍ୟ ଆମମାନଙ୍କୁ ଅବଶ୍ୟ କରିବା ଉଚିତ୍ । ଅଲ୍ଲାଃତାଲା କୌଣସି ବ୍ୟକ୍ତିର ଠିକା (ଠିକାଦାର) ନୁହନ୍ତି । ସେ ନୈଷ୍ଠିକ ରୂପେ ଧର୍ମପରାୟଣତାକୁ ଚାହାନ୍ତି । ତେଣୁ ଯେଉଁ ବ୍ୟକ୍ତି ଧର୍ମପରାୟଣତା ଅବଲମ୍ବନ କରିବ ସେହି ବ୍ୟକ୍ତି ହିଁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଯିବ । ଆଁହଜରତ୍ ସ.ଅ ଏବଂ ହ. ଇବ୍ରାହିମ୍ ଅ.ସ ଉତ୍ତରାଧିକାରୀ ସୂତ୍ରରେ କୌଣସି ସମ୍ମାନ ପ୍ରାପ୍ତ କରି ନାହାନ୍ତି । ଅର୍ଥାତ୍ ଆମମାନଙ୍କର ଏହି ବିଶ୍ୱାସ ରହିଛି ଯେ, ଆଁହଜରତ୍ ସ.ଅଙ୍କ ପିତାଶ୍ରୀ ଅବ୍‌ଦୁଲ୍ଲାଃ ମୁଶରିକ୍ ନଥିଲେ ଲୋକମାନେ ଏହି ପ୍ରଶ୍ନ ମଧ୍ୟ ଉତ୍ଥାପିତ କରନ୍ତି (ପଚାରନ୍ତି) । ଆପଣ ଅ.ସ ଏଠାରେ ମଧ୍ୟ ସେହି ଉତ୍ତର ପ୍ରଦାନ କରିଛନ୍ତି ଯେ, ଆମମାନଙ୍କର ଏହି ବିଶ୍ୱାସ ରହିଛି ଯେ, ଆଁହଜରତ୍ ସ.ଅଙ୍କ ପିତାଶ୍ରୀ ଅବଦୁଲ୍ଲାଃ ମୁଶରିକ୍ ନଥିଲେ । କିନ୍ତୁ ସେ ଆଁହଜରତ୍ ସ.ଅଙ୍କୁ ଅବତାରତ୍ୱ ପ୍ରଦାନ କରି ନଥିଲେ । ଏହା ତ' ଅଲ୍ଲାଃତାଲାଙ୍କ ଅପାର କୃପା ଥିଲା ଯେ, ସେ ଆଁହଜରତ୍ ସ.ଅଙ୍କ ସ୍ୱଭାବରେ ଥିବା ସତ୍ୟନିଷ୍ଠତା ଯୋଗୁଁ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ଅବତାରତ୍ୱ ପୁରସ୍କାର ଦ୍ୱାରା ପୁରସ୍କୃତ କରିଥିଲେ। ଏହି ଈଶ୍ୱର କୃପା ହିଁ ସେଠାରେ କ୍ରିୟାଶୀଳ ହୋଇଥିଲା । ହ. ଇବ୍ରାହିମ୍ ଅ. ଯିଏ ସମସ୍ତ ଅବତାରମାନଙ୍କର ଭୀଷ୍ମ ପିତାମହ ଥିଲେ, ସେ ନିଜର ସତ୍ୟନିଷ୍ଠତା ଏବଂ ଧର୍ମପରାୟଣତା ଦ୍ୱାରା ହିଁ ନିଜର ସୁଯୋଗ୍ୟ ସନ୍ତାନ ହ. ଇସ୍‌ମାଇଲ୍ ଅ.ସଙ୍କ ବଳିଦାନ ଦେବା ନିମନ୍ତେ କୁଣ୍ଠାବୋଧ କରି ନଥିଲେ । ସେ (ହ. ଇବ୍ରାହିମ୍ ଅ.ସ) ସ୍ୱୟଂ ଅଗ୍ନି ମଧ୍ୟରେ ନିକ୍ଷେପ ହୋଇଥିଲେ । ନିଆଁରେ ଏହି କାରଣରୁ ପଡ଼ିଥିଲେ ଯେ, ଆମର ପ୍ରିୟ ମୁନିବ ଆଁହଜରତ୍ ସ.ଅ ଯେପରି ଏକେଶ୍ୱରବାଦର ଘୋଷଣା କରିଥିଲେ, ଠିକ୍ ସେହିପରି ହ. ଇବ୍ରାହିମ୍ ଅ.ସ ମଧ୍ୟ ଏକେଶ୍ୱରବାଦର ଘୋଷଣା କରିଥିଲେ । ଆମର ପ୍ରିୟ ମୁନିବ ଆଁହଜରତ୍ ସ.ଅଙ୍କର ସତ୍ୟବାଦୀତା, ସତ୍ୟନିଷ୍ଠତା ଏବଂ ବିଶ୍ୱସ୍ତତାକୁ ହିଁ ଦେଖି ନିଅନ୍ତୁ ! ଆପଣ ସ.ଅ ପ୍ରତ୍ୟେକ ପ୍ରକାରର କୁପ୍ରଥାର ମୁକାବିଲା କଲେ । ନାନା ପ୍ରକାରର ବିପତ୍ତି ଏବଂ ନିର୍ଯାତନା ସହ୍ୟ କଲେ । କିନ୍ତୁ ଏଥି ପ୍ରତି ଆପଣ ସ.ଅ ଆଦୌ ଭୃକ୍ଷେପ କଲେ ନାହିଁ । ଏହା ହିଁ ସେହି ସତ୍ୟତା ଓ ବିଶ୍ୱସ୍ତା ଥିଲା ଯେଉଁ ସତ୍ୟତା ଓ ବିଶ୍ୱସ୍ତତା ଯୋଗୁଁ ଅଲ୍ଲାଃତାଲା ନିଜର କୃପା ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ କଲେ। ସୁତରାଂ ଏହି କାରଣରୁ ଅଲ୍ଲାଃତାଲା ପବିତ୍ର କୁରାନ୍ କରୀମ୍‌ରେ କୁହନ୍ତି: إِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا **(ଅଲ୍ ଅହଜାବ୍: 57)** ବାସ୍ତବରେ ଅଲ୍ଲାଃତାଲା ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ ମଧ୍ୟ ଏହି ନବୀଙ୍କ ପ୍ରତି ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଭିକ୍ଷା କର । ଅର୍ଥାତ୍ ଦୁରୁଦ୍ ଶରୀଫ୍ ପାଠ କର ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର ।" ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଉକ୍ତ ଆୟତରୁ ଏହା ସ୍ପଷ୍ଟ ହୁଏ ଯେ, ରସୁଲ୍ କରୀମ୍ ସ.ଅଙ୍କ କର୍ମ ଏପରି ଥିଲା ଯେ, ଅଲ୍ଲାଃତାଲା ତାହାଙ୍କର ପ୍ରଶଂସା ଏବଂ ବିଶିଷ୍ଟ ଗୁଣାବଳୀର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ କୌଣସି ବିଶେଷ ଶବ୍ଦ ବର୍ଣ୍ଣନା କରି ସୀମାବଦ୍ଧ କରି ନାହାନ୍ତି । ଶବ୍ଦ ତ' ମିଳିପାରି ଥାଆନ୍ତା । କିନ୍ତୁ ସ୍ୱୟଂ ବ୍ୟବହାର କଲେ ନାହିଁ । ଅର୍ଥାତ୍ ଆପଣ ସ.ଅଙ୍କ ସତ୍‌କର୍ମର ପ୍ରଶଂସା କରିବା ସୀମା ବହିର୍ଭୂତ ଥିଲା । ସତ୍‌କର୍ମ ଏପରି ଅଟେ ଯାହାକୁ ଆମେମାନେ ସୀମାବଦ୍ଧ କରିପାରବା ନାହିଁ । ଏହି ପ୍ରକାରର ଆୟତ୍ ଅନ୍ୟ କୌଣସି ଅବତାରଙ୍କ ସକାଶେ ଅଲ୍ଲାଃତାଲା ବ୍ୟବହାର କରି ନାହାନ୍ତି । ଆପଣ ସ.ଅଙ୍କ ଆତ୍ମାରେ ହିଁ ସେହି ପବିତ୍ରତା, ନିର୍ମଳତା, ସତ୍ୟନିଷ୍ଠତା ତଥା ସତ୍ୟବାଦୀତା ଥିଲା ଏବଂ ଆପଣ ସ.ଅଙ୍କ କର୍ମ ଈଶ୍ୱରଙ୍କ ଦୃଷ୍ଟିରେ ଏପରି ପ୍ରିୟ ଥିଲା ଯେ, ଅଲ୍ଲାଃତାଲା ସବୁ ଦିନ ପାଇଁ ଏହି ଆଦେଶ ଦେଲେ ଯେ, ଆସନ୍ତା ପାଇଁ ଲୋକମାନେ କୃତଜ୍ଞତା ସ୍ୱରୂପ ଆପଣ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବେ । ଆପଣ ସ.ଅଙ୍କ ସାହସିକତା ଏବଂ ସତ୍ୟନିଷ୍ଠତା ଏପରି ଥିଲା ଯେ, ଯଦି ଆମେମାନେ ଉପରୁ କିମ୍ବା ତଳେ ଦୃଷ୍ଟିପାତ କରୁ ତେବେ ତାହାର ଦୃଷ୍ଟାନ୍ତ ମିଳିବ ନାହିଁ। ନିଜେ ହ. ଇସା ଅ.ସଙ୍କ କାଳକୁ ହିଁ ଦେଖିନିଅ ଯେ, ହ. ଇସା ଅ.ସଙ୍କ ସାହସିକତା, ଆଧାତ୍ମିକ ସତ୍ୟ ନିଷ୍ଠତା ଓ ପବିତ୍ରତାର ପ୍ରଭାବ କେତେଦୂର ପର୍ଯ୍ୟନ୍ତ ତାଙ୍କର ଅନୁଗାମୀମାନଙ୍କ ଉପରେ ପଡ଼ିଛି ? (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)

## କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଜିଲ୍ଲାର ସପ୍ତମ ବାର୍ଷିକ ଜିଲ୍ଲା ସ୍ତରୀୟ ଇଜ୍‌ତେମାର ଏକ ସଂକ୍ଷିପ୍ତ ରିପୋର୍ଟ

ଅହମଦିୟା ମୁସ୍‌ଲିମ୍ ଜମାଅତ୍‌ର ସାଲେପୁର୍ ଉପକଣ୍ଠ ସ୍ଥିତ କୁସମ୍ବୀ ଜାମା ମସ୍‌ଜିଦ୍ ପ୍ରାଙ୍ଗଣରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଏବଂ ମଜ୍‌ଲିସ୍ ଅତଫାଲୁଲ୍ ଅହମଦିୟା କଟକ, କେନ୍ଦ୍ରାପଡ଼ା ଓ ଢେଙ୍କନାଳ ଜିଲ୍ଲାର ସପ୍ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜ୍‌ତେମା ଜୁନ୍ ମାସ୍ 6 ଓ 7 ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଅଖିଳ ଭାରତ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟାର ଉପସଭାପତି ସୟଦ୍ ସଇଦୁଦ୍ଦୀନ ସାହେବ । ପବିତ୍ର କୁରଆନ୍ କରୀମ୍‌ର ତିଲାଓ୍ୱତ୍ ଆବିଦୁର୍ ରହମାନ କରିଥିଲେ । ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟାର ଶପଥ ପାଠ ଅଖିଳ ଭାରତ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟାର ଉପସଭାପତି ସୟଦ୍ ସଇଦୁଦ୍ଦୀନ ସାହେବ । ଉର୍ଦ୍ଦୁ ନଜମ୍ ସେଖ୍ ୟୁସୁଫ ସାହେବ ପରିବେଷଣ କରିଥିଲେ । କୁସମ୍ବୀ-ସୁଙ୍ଗୁଡ଼ା ଗ୍ରାମର ଅହମଦିୟା ଜାମା ମସ୍‌ଜିଦ୍‌କୁ 100 ବର୍ଷ ପୂର୍ତ୍ତି ଅବସରରେ ମୌଲାନା ମକସୁଦ୍ ଅଲୀ ଖାନ୍ ସାହେବ ମସ୍‌ଜିଦ୍ ଏବଂ ଜମାଅତ୍‌ର ଇତିହାସ ଉପରେ ଏକ ସାରଗର୍ଭକ ତଥ୍ୟ ଉପସ୍ଥାପିତ କିରଥିଲେ । ଇଜ୍‌ତେମା କମିଟିର ସଭାପତି ଶେଖ୍ ଅନସ୍ ଅହମଦ ସାହେବ ସମସ୍ତ ପ୍ରତିଯୋଗୀ, ଶ୍ରୋତାବର୍ଗ ଓ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର କୃତଜ୍ଞତା ଜ୍ଞାପନ କରିଥିଲେ । ସଭାପତିତ୍ୱ ଭାଷଣରେ ଅଖିଳ ଭାରତ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦୀନ୍ ସାହେବ ଏକାଗ୍ରତା, କଠିନ ପରିଶ୍ରମ ହିଁ ସଫଳତା ଆଣି ଦେଇଥାଏ ଉପରେ ଭାଷଣ ଦେଇଥିଲେ । ଏହି ଦୁଇ ଦିବସରେ କ୍ରୀଡ଼ା ପ୍ରତିଯୋଗିତା ହେବା ସହିତ ଧାର୍ମିକ ପ୍ରତିଯୋଗିତା ଯଥା, ପବିତ୍ର କୁରଆନ୍ କରୀମ୍, ଉର୍ଦ୍ଦୁ ଓ ଓଡ଼ିଆ ନଜମ୍, ବକ୍ତୃତା, କୁଇଜ୍ ପୈଗାମ୍ ରେସାନି ଇତ୍ୟାଦି ପ୍ରତିଯୋଗିତା ମଧ୍ୟ ହୋଇଥିଲା । ଉଭୟ ପ୍ରକାରର ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଦ୍ୱାରା ପୁରସ୍କୃତ କରିଥିଲେ । ପ୍ରତିଯୋଗୀତାର ଫଳାଫଳ ଓ ବାର୍ଷିକ କାର୍ଯ୍ୟକାରୀଣୀ ରିପୋର୍ଟ ଆଧାରରେ ଚଳିତ୍ ବର୍ଷ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ପଙ୍କାଳ ଚମ୍ପିୟାନ୍ (ବିଜୟୀ) ହୋଇଛି । ଏହି ପ୍ରତିଯୋଗୀତାରେ ବିଚାରପତି ଭାବେ କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ଆଗତ ମୁବଲ୍ଲିଗ୍ ଇନ୍‌ଚାର୍ଜ ମୌଲବୀ ଶେଖ୍ ଇସ୍‌ହାକ୍ ସାହେବ, କଟକ ସହରର ମୌଲବୀ ଫଜଲ୍ ହକ୍ ଖାନ୍ ସାହେବ, ଢାଙ୍କାନାଳ ଜିଲ୍ଲାର ମୌଲବୀ ଅକ୍‌ବର୍ ଖାଁ ସାହେବ, ବାଙ୍କୀ-ନର ଗାଁର ମୌଲବୀ ଇଫ୍‌ତିଖାର୍ ଅହମଦ ଖାଁ ସାହେବ, କରଡ଼ାପଲ୍ଲୀର ମୌଲବୀ କରାମତ ଅହମଦ ସାହେବ, ଓ୍ୱକ୍‌ଫେ ଜଦିଦ୍‌ର ପ୍ରତିନିଧି କମାଲୁଦ୍ଦୀନ୍ ଖାଁ, ମୌଲବୀ ସୟେଦ୍ ଫଜ୍‌ଲେ ନଇମ୍ ସାହେବ, ଜମାଅତ୍ ଅହମଦିୟା ଧୂଆଁସାହିର ମୌଲବୀ ଅବଦୁର୍ ରହିମ୍ ଦର୍ଦ୍ଦ ସାହେବ ଜମାଅତ୍ ଅହମଦିୟା ସୁଙ୍ଗୁଡ଼ାର ମୁବଲ୍ଲିଗ୍ ସିଲସିଲା ମୌଲବୀ ମକସୁଦ୍ ଅଲୀ ଖାନ୍ ସାହେବ୍ ଓ ହଲ୍‌କା ଗୁହାଳିପୁର୍ ସୁଙ୍ଗୁଡ଼ାର (କେନ୍ଦ୍ରୀୟ ମୁବଲ୍ଲିଗ) ଓଡ଼ିଆ ବଦରର ସହ ସମ୍ପାଦକ (ବିନୀତ) ମୌଲବୀ ସୟଦ୍ ଅତାଉଲ୍ ଓ୍ୱାହାବ ସାହେବ ଇତ୍ୟାଦି (ଜଜ୍) ବିଚାରପତିମାନେ ଯୋଗ ଦେଇ ଇଜ୍‌ତେମାକୁ ସଫଳ କରିଥିଲେ । ☆☆☆

## ବିଗତ ସଂଖ୍ୟା-25, ପୃ-10ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

ସେହିପରି ମୁହମ୍ମଦି ବେଗମ୍‌ଙ୍କର ନିଜ ଭଉଣୀ ମଧ୍ୟ ଅହମଦି ହୋଇ ଯାଇଥିଲେ। କିନ୍ତୁ ତାଙ୍କର ମଧ୍ୟ ବିୟୋଗ ହୋଇ ସାରିଛି । ତାଙ୍କ ବ୍ୟତୀତ ଆହୁରି ଅନେକ ସଂପର୍କୀୟମାନେ ମଧ୍ୟ ରହିଛନ୍ତି ଯେଉଁମାନେ ଅହମଦି ହୋଇ ସାରିଛନ୍ତି । ଯେଉଁମାନେ ଏଯାବତ୍ ଜମାଅତ୍ ଅହମଦିୟାରେ ପ୍ରବିଷ୍ଟ ହୋଇ ନାହାନ୍ତି ସେମାନେ ମଧ୍ୟ ବିରୋଧ ପରିତ୍ୟାଗ କରି ସାରିଛନ୍ତି । ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଐଶୀବାଣୀ ରହିଛି ଯେ, ମୁଁ ଏହି ଘରେ ଟିକେ ହସନୀୟ ପନ୍ଥା ଦ୍ୱାରା ପ୍ରବେଶ କରିବି ଏବଂ ଆଉ ଟିକେ ହୁସେନୀୟ ପନ୍ଥା ଦ୍ୱାରା ମଧ୍ୟ ପ୍ରବେଶ କରିବି । ଉକ୍ତ ଐଶୀବାଣୀଟି ଅତ୍ୟନ୍ତ ଭବ୍ୟତାର ସହିତ ପୂର୍ଣ୍ଣ ହେଲା ।

(38) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, ଏକଦା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର କୋଠରୀରେ ଛିଡ଼ା ହୋଇଥିଲେ । ସେହି କୋଠରୀଟି ଅଜିମ୍ ମିଆଁ ଶରୀଫ୍ ଅହମଦ୍ ସାହେବ୍‌ଙ୍କ ବାସ ଭବନ ସହିତ ସଂଲଗ୍ନ ଅଟେ । ମାତାଶ୍ରୀ ମଧ୍ୟ ପ୍ରାୟତଃ ପାଖରେ ଥିଲେ । ମୁଁ ଏକ କଥାବାର୍ତ୍ତା

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP- 40/2026-2028 Vol. 11 Thursday-25 June 2026 Issue No. 26

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-01 ରେ ବର୍ଣ୍ଣିତ ତଫସିର୍ ମୁସଲେହ୍ ମଉଦ୍ ଅ.ର ଅବଶିଷ୍ଟାଂଶ...

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମହାନ୍ କୃତିତ୍ୱ ହେଲା ଆପଣ ଅ.ସ ସୁନ୍ନତ୍ ଓ ହଦିସ୍‌କୁ ପଥକ୍ ପୃଥକ୍ କଲେ । ଆପଣ ଅ.ସ କହିଲେ, ସୁନ୍ନତ୍ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ସେହି କୃତ୍ୟକୁ ବୁଝାଏ ଯାହାକୁ ଆପଣ ସ.ଅ ସ୍ୱୟଂ କାର୍ଯ୍ୟକାରୀ କିରଥିଲେ ଓ ଅନ୍ୟମାନଙ୍କୁ ମଧ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରୋତ୍ସାହିତ ଓ ଅନୁପ୍ରାଣିତ କରିଥିଲେ(ଯେଉଁ କୃତ୍ୟ ଉପରେ ଆପଣ ସ.ଅ ସ୍ୱୟଂ କାର୍ଯ୍ୟାନୁସରଣ କରିଥିଲେ ଓ ଅନ୍ୟମାନଙ୍କୁ ମଧ କାର୍ଯ୍ୟାନୁସରଣ କରିବା ନିମନ୍ତେ ଅନୁପ୍ରାଣିତ ଓ ପ୍ରୋତ୍ସାହିତ କରୁଥିଲେ) । ହଦିସ୍ ହେଉଛି ସେହି କଥନ ଯାହାକୁ (ଯେଉଁ କଥନକୁ) ଆପଣ ସ.ଅ ସ୍ୱୟଂ ବର୍ଣ୍ଣନା କିରଛନ୍ତି (ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ମୁଖ ନିଃସୃତ ବାଣୀକୁ ହଦିସ୍ କୁହାଯାଏ) । ବର୍ତ୍ତମାନ ଦେଖ ! ଏହି ପାଞ୍ଚଟି ସିଦ୍ଧାନ୍ତକୁ ଆପଣ ଅ.ସ କିଭଳି ଭାବରେ ସଂଶୋଧନ କରି ଦେଇଛନ୍ତି। ସର୍ବ ପ୍ରଥମେ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌କୁ ରଖିଛନ୍ତି । କାରଣ ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ବାଣୀ ଯାହା ବିସ୍ତୃତାତ୍ମକ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଅଟେ । ତହିଁରେ ନା କୌଣସି ପରିବର୍ତ୍ତନ ହେବ ଓ ନା ହିଁ କୌଣସି ବ୍ୟକ୍ତି ଏହାକୁ ପରିବର୍ତ୍ତନ କରିପାରିବ। କାରଣ ପବିତ୍ର କୁରଆନ୍ କରୀମ୍‌ର ସୁରକ୍ଷାର ଅଙ୍ଗୀକାର ସ୍ୱୟଂ ଅଲ୍ଲାଃତାଲା କରିଛନ୍ତି। ଏପରି ବାଣୀ ଠାରୁ ବଳି ଅନ୍ୟ କେଉଁ କଥା ଆଉ ଭରସାଯୋଗ୍ୟ ଓ ବିଶ୍ୱସନୀୟ ହୋଇପାରିବ? ତତ୍ପରେ ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ଦ୍ୱାରା ଅନୁସୃତ ପ୍ରଥା ଓ ପରମ୍ପରା) ରହିଛି । କେବଳ କଥନ ସହିତ ଏହାର ସଂପର୍କ ନାହିଁ ବରଂ କୃତ୍ୟ ବା କର୍ମ ସହିତ ସୁନ୍ନତ୍ (କଥନ)ର ଏହାର ସଂପର୍କ ରହିଛି। କୃତ୍ୟ ମଧ ତାହା ଯାହାକୁ ରସୁଲ୍ କରୀମ୍ ସ.ଅ ସ୍ୱୟଂ ସମ୍ପାଦନ କରିଥିଲେ ଏବଂ ଅହରହ ସମ୍ପାଦନ ମଧ କରୁଥିଲେ । ସହସ୍ର ସହସ୍ର ଲୋକମାନେ ଆଁହଜରତ୍ ସ.ଅଙ୍କ ସେହି କୃତ୍ୟ ତଥା କର୍ମ (ଆଚରଣ)କୁ ଦେଖୁଥିଲେ ଏବଂ ତାହାକୁ ଅନୁକରଣ ମଧ କରୁଥିଲେ । ଏହା ନୁହେଁ ଯେ, ଜଣେ କିମ୍ବା ଦୁଇ ଜଣ ବ୍ୟକ୍ତିଙ୍କର ସାକ୍ଷ୍ୟ ହୋଇଥିବ ଯେ, ସେମାନେ ଏହା କହିବେ ଯେ, ଆମେମାନେ ରସୁଲ୍ କରୀମ୍ ସ.ଅଙ୍କୁ ଏପରି କହୁଥିବାର ଶୁଣିଥିଲୁ, ତାହା ନୁହେଁ । ବରଂ ସହସ୍ର ସହସ୍ର ଲୋକମାନଙ୍କର କୃତ୍ୟ (ସାକ୍ଷ୍ୟ) । ଅର୍ଥାତ୍ ଆମେମାନେ ରସୁଲ୍ କରୀମ୍ ସ.ଅଙ୍କୁ ଏପରି କରୁଥିବାର ଦେଖି ଆପଣ ସ.ଅଙ୍କ ଆଜ୍ଞାବହତ୍ୱରେ ଏପରି କାର୍ଯ୍ୟ ସମ୍ପାଦନ କରିବା ଆରମ୍ଭ କଲୁ । ସୁନ୍ନତ୍‌ରେ ତ୍ରୁଟି ହେବାର ଖୁବ୍ କମ୍ ସମ୍ଭାବନା ରହିଛି । ଅପରପକ୍ଷେ ହଦିସ୍‌ରୁ ଯେଉଁ କେତେକ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ମିଳିଥାଏ ତାହା ଅପେକ୍ଷା ସୁନ୍ନତ ସର୍ବୋତ୍କୃଷ୍ଟ ଅଟେ। ଅତଏବ୍ ସୁନ୍ନତ୍ ପରେ ଆପଣ ଅ.ସ ତୃତୀୟ ସ୍ଥାନରେ ହଦିସ୍‌କୁ ରଖିଛନ୍ତି । କିନ୍ତୁ ହଦିସ୍ ସଂପର୍କରେ ଏହି ସର୍ତ୍ତ ଲାଗୁ କରାଯାଇଛି ଯେ, ହଦିସରେ ବର୍ଣ୍ଣନାକାରୀମାନଙ୍କ ବର୍ଣ୍ଣନାର ପୁଷ୍ଟି ହୋଇଗଲେ ହଦିସଟି ସିଠିକ୍ ହୋଇଯିବ ତାହା ନୁହେଁ ବରଂ ସେହି ହଦିସ୍‌ଗୁଡ଼ିକର ପୁଷ୍ଟି ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ ଏବଂ ପ୍ରକୃତିର ନିୟମ ଅନୁଯାୟୀ ହେବା ବାଞ୍ଛନୀୟ (ଜରୁରୀ) ଅଟେ ।" **(ହ. ମସିହ୍ ମଉଦ୍ ଅ.ସଙ୍କ କୃତିତ୍ୱ, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-10, ପୃ-178-179)** ☆☆☆

## ପୃ-01 ରେ ବର୍ଣ୍ଣିତ ତଫସିର୍ ମସିହ୍ ମଉଦର ଅବଶିଷ୍ଟାଂଶ...

ତେଣୁ ସୁନ୍ନତ୍ ଏବଂ ହଦିସ୍ ମଧ୍ୟରେ ଯେଉଁ ଅନନ୍ୟ ଉଦାହରଣ (ପାର୍ଥକ୍ୟ) ରହିଛି ତାହା ଏହିପରି ଯେ, ସୁନ୍ନତ୍ (ପ୍ରଥା) ଏକ ବ୍ୟବହାରିକ ପନ୍ଥା ଅଟେ ଯାହା ସହିତ ନିରନ୍ତରତା ରହିଛି । ଯେଉଁ ପ୍ରଥା ତଥା ନିରନ୍ତରତାକୁ ଆଁହଜରତ୍ ସ.ଅ ନିଜ ହସ୍ତ ଦ୍ୱାରା ଜାରି କରିଥିଲେ ଏବଂ ତାହା ବିଶ୍ୱାସିକ ସ୍ତରରେ ପବିତ୍ର କୁରଆନ୍ କରୀମ୍ ଅପେକ୍ଷା ଦ୍ୱିତୀୟ ସ୍ତରରେ ଅବସ୍ଥିତ ଅଟେ । ସୁତରାଂ ଯେପରି ଆଁହଜରତ୍ ସ.ଅ ପବିତ୍ର କୁରଆନ୍ କରୀମ୍‌ର ପ୍ରଚାର ନିମନ୍ତେ ନିଯୁକ୍ତ ହୋଇଥିଲେ ଠିକ୍ ସେହିପରି ଆପଣ ସ.ଅ ସୁନ୍ନତ୍ ସ୍ଥାପନ ନିମନ୍ତେ ମଧ ନିଯୁକ୍ତ ହୋଇଥିଲେ ।" **(ରିଭ୍ୟୁ ମୁବାହିସା ବଟାଲୱୀ ଓ ଚକଡ଼ାଲୱୀ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-209-212)** ☆☆☆

## ପୃ-11 ରେ ବର୍ଣ୍ଣିତ ସିରତୁଲ୍ ମେହଦୀଦର ଅବଶିଷ୍ଟାଂଶ...

କରିବା ସମୟରେ ମିର୍ଜା ନିଜାମୁଦ୍ଦୀନଙ୍କ ନାମ ଯେତେବେଳେ ନେଲି ସେତେବେଳେ ମୁଁ କେବଳ ନିଜାମୁଦ୍ଦୀନ୍ କହିଲି । ହ. ମସିହ୍ ମଉଦ୍ ଅ.ସ କହିଲେ, ମିଆଁ (ହେ ପୁତ୍ର ! ଅର୍ଥାତ୍ ହ. ମିର୍ଜା ବଶୀର୍ ଅହମଦ) **(ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ)**

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେଉଛି ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନୱର୍ ଅ.ବ ମଧ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

(1) ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । (2) ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । (3) ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍କାର ଏବଂ ସୟେଦିନା ହୁଜୁର ଅନୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । (4) ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢ଼ା ସହିତ 6 ମାସ ଟ୍ରେନିଂ ମଧ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢ଼ା ସହିତ 6 ମାସ ଟ୍ରେନିଂ ମଧ ଅନ୍ତର୍ଭୁକ୍ତ ରହିଛି । (5) ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988891775

(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan